ବର୍ଷ-୨୪, ସଂଖ୍ୟା-୨୮୨
ଭୁବନେଶ୍ୱର
୧୫ ନଭେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 282
Bhubaneswar
15 November, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଆ କା ମା ବୋଇ
ପାନ ଗୁଆ ଥୋଇ
ପାନ ଗୁଆ ତୋର
ମାସକ ଧରମ ମୋର।

# ୫୦ ଲକ୍ଷ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହ ଜଡିତ

**ଭୁବନେଶ୍ୱର,୧୪।୧୧(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସମବାୟ ସପ୍ତାହ ପାଳନ କରାଯାଉଛି।

ଏହି ଅବସରରେ ଉପସ୍ଥିତ ବିଭିନ୍ନ ସମବାୟ ୟୁନିୟନର ସଦସ୍ୟ, ସମବାୟବିତ ମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ୨୬୦୦ରୁ ଅଧିକ ପ୍ରାଥମିକ ସମବାୟ

## ଚାଷୀଙ୍କ ସ୍ୱାର୍ଥରେ ବାଧା ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ : ମୁଖ୍ୟମନ୍ତ୍ରୀ



ସଂସ୍ଥା ସରକାର ଓ ଚାଷୀଙ୍କ ମଧ୍ୟରେ ସେତୁ ସଦୃଶ କାମ କରୁଛନ୍ତି। ଫସଲ ଋଣ, ଫସଲ ବୀମା, ସାର, ବିହନ, କୀଟନାଶକ ଇତ୍ୟାଦି ସେମାନଙ୍କ ମାଧ୍ୟମରେ ଚାଷୀଙ୍କ ପାଖକୁ ଯାଇଥାଏ। ତେଣୁ ଏହି ସବୁ ସଂସ୍ଥା ଗୁଡିକୁ ସଶକ୍ତ କରିବାର ଆବଶ୍ୟକତା ରହିଛି। ଏହି ସବୁ ଅନୁଷ୍ଠାନ ଗୁଡିକ ହେଉଛି ସମାଜର ତଳ ସ୍ତରରେ ରହିଥିବା ଗରିବ ଓ ନିଷ୍ପେଷିତଙ୍କ ଆଶା ଓ ଭରସା। ଆଜି ଓଡିଶାର ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହ ଅଙ୍ଗାଙ୍ଗୀଭାବେ ଜଡିତ। ସେମାନ ସମସ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଅନୁଷ୍ଠାନମାନଙ୍କ ଉପରେ ନିର୍ଭରଶୀଳ। ମୁଖ୍ୟତଃ ଚାଷୀ, କାରିଗର, ହସ୍ତଶିଳ୍ପୀ, ବୁଣାକାର, ମତ୍ସ୍ୟଜୀବୀ, ଦୁଗ୍ଧ ଉତ୍ପାଦକ ପ୍ରଭୃତି ପ୍ରାଥମିକ ଅର୍ଥନୀତି ସହ ଜଡିତ ସମସ୍ତ ନାଗରିକ ଏହି ସମବାୟ ଆନ୍ଦୋଳନରେ ସାମିଲ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମବାୟ ଅନୁଷ୍ଠାନ ସୁଦୃଢ଼ ପ୍ରଶାସନ ଭୂମିକାକୁ ଉପଲବ୍ଧ କରି ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରଥମେ ଆମ ଓଡିଶାରେ ସମବାୟର ମୂଳଦୁଆ। ପକାଇଥିଲେ। ୧୮୯୮ ମସିହାରେ କଟକ ଠାରେ ଏକ ସମବାୟ ଷ୍ଟୋର ପ୍ରତିଷ୍ଠା ହୋଇଥିଲା ଏବଂ ପରେ ୧୯୦୪ ମସିହାରେ ସମବାୟ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରଥମ ଆଇନ୍ ପ୍ରଣୟନ ହେଲା।କଟକ ଜିଲ୍ଲା ବାଙ୍କୀରେ ସମବାୟ ଅନୁଷ୍ଠାନର ବିଧିବଦ୍ଧ ଭାବେ ଗଠନ ଆରମ୍ଭ ହୋଇଥିଲା।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଆଉ ସପ୍ତାହେ ପରେ ଧାନ କିଣା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ। ଚଳିତ ବର୍ଷ ବିଭାଗ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି ଗୁଡିକ ରାଜ୍ୟରେ ୪୦୦୦ରୁ ଉର୍ଦ୍ଧ୍ୱ ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା କରିବେ। ରାଜ୍ୟ ସରକାର ସ୍ୱଚ୍ଛ, ସରଳ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ସେମାନଙ୍କର ଧାନ ବିନା କଟନୀ ଛଟନୀରେ ସରକାରଙ୍କୁ ବିକ୍ରୟ କରିପାରିବେ ଏବଂ ସେମାନଙ୍କ ପ୍ରାପ୍ୟ ୪୮ ଘଣ୍ଟା ମଧ୍ୟରେ ଯେପରି ସେମାନେ ପାଇବେ ସେଥି ପ୍ରତି ଯତ୍ନର ସହ ନିୟମ ମାନି କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ନଚେତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଓଡିଶାରେ ମୋଟ୍ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ। ପୂର୍ବରୁ ଅଭିଯୋଗ ରହିଛି ଯେ ପ୍ରାଥମିକ ସମବାୟ ସଂସ୍ଥା ଗୁଡିକ ଚାଷୀଙ୍କ ଋଣକୁ ଏଭର ଗ୍ରୀନିଂ କରାଇଥାନ୍ତି। ଏହାକୁ ବନ୍ଦ କରିବାକୁ ହେଲେ ସମିତି ଗୁଡିକର ଖାତାପତ୍ର ଏବଂ ଆକାଉଣ୍ଟସକୁ ଅପଗ୍ରେଡେଟ୍ କରିବାକୁ ପଡିବ। ସେଥିପ୍ରତି ନିବନ୍ଧକ ମାନେ ଦୃଷ୍ଟି ଦେବା ସହିତ ସମସ୍ତ ପ୍ରକ୍ରିୟାକୁ କମ୍ପ୍ୟୁଟରୀକରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ ଏବଂ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ।

ଅନ୍ୟତମ ଅତିଥି ଭାବେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ ସମବାୟ ହେଉଛି ଗ୍ରାମ୍ୟ ବିକାଶର ଏକ ବଳିଷ୍ଠ ମାଧ୍ୟମ। ରାଜ୍ୟ କୃଷି ଅର୍ଥନୀତିକୁ ସମୃଦ୍ଧ କରିବାରେ ଏହାର କ୍ରାନ୍ତିକାରୀ ଭୂମିକା ରହିଛି। ସମବାୟ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରାଇବା ସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ବିକାଶ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସମବାୟ ଆନ୍ଦୋଳନ ଦ୍ୱାରା ସମାଜର ଦରିଦ୍ରତମ ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ସମବାୟ ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଥିବା ନୂତନ ଜାତୀୟ ସମବାୟ ନୀତିର ବିଭିନ୍ନ ଦିଗ ଉପରେ ସେ ଆଲୋକପାତ କରିଥିଲେ।

ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ରାଜ୍ୟରେ ଚାଷୀ ଓ ଚାଷର ଉନ୍ନତି କ୍ଷେତ୍ରରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ଏବଂ ନୂଆ ସରକାର ଆସିବା ପରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ସମବାୟ ୟୁନିୟନ ସଭାପତି ପ୍ରବାସିନୀ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମବାୟ ସମିତି ସମୂହ ନିବନ୍ଧକ ପଭୁ କଲ୍ୟାଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯମୁନା ପରେ ଗଙ୍ଗା ଆସିଲା ଶିମିଳିପାଳ

**ଶିମିଳିପାଳ, ୧୪।୧୧ (ମହାଭାରତ):** ଶିମିଳିପାଳରେ ରାଜ୍ କରିବେ ଗଙ୍ଗା-ଯମୁନାୟ ମହାରାଷ୍ଟ ତଡ଼ବା ଜଙ୍ଗଲରୁ ବାଘୁଣୀ ଯମୁନା ଆସିବାର ୧୭ ଦିନ ପରେ ଆଜି ଆସିଛି ଦ୍ୱିତୀୟ ବାଘୁଣୀୟ ତା ନାଁ ଗଙ୍ଗା। ଶିମିଳିପାଳ ଅଭୟାରଣ୍ୟରେ ମେଲାନିଷ୍ଟିକ୍ ବା କଳା ମହାବଳ ବାଘଙ୍କ ବଂଶ ବୃଦ୍ଧି ପାଉଥିବାରୁ ଏହା ଉପରେ ରୋକ୍ ଲଗାଇ ସ୍ୱାଭାବିକ ମହାବଳ ବାଘର ବଂଶ ବିସ୍ତାର ପାଇଁ ମହାରାଷ୍ଟ୍ରର ଏହି ଦୁଇଟି ବାଘୁଣୀକୁ ସେଠାରେ ଛାଡ଼ିବାକୁ ଯୋଜନା ରହିଛି। ଅକ୍ଟୋବର ୨୮ରେ ବାଘୁଣୀ ଯମୁନା ଆସିଥିବା ବେଳେ ତାକୁ ପ୍ରଥମେ ଏନକ୍ଲୋଜରରେ ରଖାଯାଇଥିଲା। କିଛି ଦିନ ତଳେ ଶିମିଳିପାଳ ଅଭୟାରଣ୍ୟର କୋର୍ ଏରିଆରେ ତାକୁ ଛଡ଼ାଯାଇଛି। ଆଜି ଗଙ୍ଗା ଶିମିଳିପାଳକୁ ଆସିଥିବା ବେଳେ ତାକୁ ମଧ୍ୟ ଏନକ୍ଲୋଜରରେ ରଖାଯିବ। ସବୁକିଛି ଠିକ୍‌ଠାକ୍ ରହିଲେ ଅଳ୍ପ ଦିନ ପରେ ଗଙ୍ଗାକୁ କୋର୍ ଏରିଆରେ ଛଡ଼ାଯିବ।

# ଆଜିଠୁ ଐତିହାସିକ ବାଲିଯାତ୍ରା

**କଟକ, ୧୪/୧୨ (ମହାଭାରତ) :** ଆଜି ଠାରୁ ଆରମ୍ଭ ହେବ କଟକ ଐତିହାସିକ ବାଲିଯାତ୍ରା। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜିଠାରୁ ୮ଦିନ ଧରି ବାଲିଯାତ୍ରା ଅୟୋଜନ ହେବ। ଆସନ୍ତାକାଲି ସନ୍ଧ୍ୟା ୫ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବେ। ଚଳିତବର୍ଷ ବାଲିଯାତ୍ରାରେ ୧୩ ରାଷ୍ଟ୍ରର ରାଷ୍ଟ୍ରଦୂତ ଯୋଗ ଦେବେ।ଉଦଘାଟନୀ ସନ୍ଧ୍ୟାରେ ଏହି ଅନ୍ତର୍ଜାତୀୟ ଅତିଥିମାନଙ୍କୁ ବାଲିଯାତ୍ରା ପଡ଼ିଆକୁ ପାଛୋଟି ନେବା ନିମନ୍ତେ ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ।ଓଡ଼ିଶାରେ କୌଣସି କାର୍ଯ୍ୟକ୍ରମରେ ଏକ ସଙ୍ଗେ ୧୩ ରାଷ୍ଟ୍ରର ରାଷ୍ଟ୍ରଦୂତ ଯୋଗ ଦେବା ଏହା ପ୍ରଥମ। ଅତିଥି ମାନେ ସିଲଭର ସିଟି ବୋଟ୍ କ୍ଲବ୍ ଠାରେ ପହଞ୍ଚିବା ପରେ ସେଠାରେ ସୁସଜ୍ଜିତ ଡଙ୍ଗାରେ ଗଡ଼ଗଡ଼ିଆ। ଘାଟ ପର୍ଯ୍ୟନ୍ତ ଯିବେ। ସେଠାରୁ ଦକ୍ଷିଣ-ପୂର୍ବ ରାଷ୍ଟ୍ରସମୂହ ସହ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ସ୍ୱତନ୍ତ୍ର ପ୍ୟାଭିଲିୟନ୍ ପରିଦର୍ଶନ କରିବେ ଏବଂ କଟକ ଇନ୍ କଟକ ବୁଲିବେ। ପରେ ଓରମାସ୍ ଯାଇ ସେଠାରେ ବିଭିନ୍ନ ପ୍ରଦର୍ଶନୀ ବୁଲିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଗଣକବି ବୈଷ୍ଣବ ପାଣି ମଞ୍ଚ ଯାଇ ଉଦଘାଟନୀ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଦେଶୀ ରାଷ୍ଟ୍ରଦୂତମାନଙ୍କର ଯାଆସ ଓ ପରିଦର୍ଶନକୁ ସୁବ୍ୟବସ୍ଥିତ କରିବାକୁ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଅତିଥିମାନଙ୍କୁ ବାଲିଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ।ଚଳିତ ବର୍ଷ ପ୍ରାୟ ୨୫ ଶହ ଷ୍ଟଲ ବାଲିଯାତ୍ରାରେ ଲାଗିବ। କଟକ ଇନ କଟକରେ ହେବ ଫିଲ୍ମ ଫେଷ୍ଟିଭାଲ। ଏଥର କଟକ ରିଙ୍ଗ ରୋଡ଼ ଅବରୋଧ ମୁକ୍ତ ରହିବ। କ୍ଷୁଦ୍ର ବ୍ୟବସାୟୀ ମାନେ ନିର୍ଦ୍ଧାରିତ ସ୍ଥାନରେ ବସିବେ। ବାଲିଯାତ୍ରାରେ ଧୂଳି ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯିବ। ଯାତ୍ରା ପଡିଆକୁ ବିଦ୍ୟୁତ ସଂଯୋଗ ହୋଇସାରିଛି। ସେହିଭଳି ଓରମାସ ଷ୍ଟଲରେ ହେବ ପିଠା ମହୋତ୍ସବୟ ଦେଶୀ ଏବଂ ବିଦେଶୀ ପିଠା, ମହୋତ୍ସବରେ ଉପଲବ୍ଧ ହେବ। ଏଥିସହି ବାଲିଯାତ୍ରାରେ ଗୁଡ଼ି ମହୋତ୍ସବ, ଡ୍ରୋନ ସୋ, ୱାଟର ଗେମ ସହ ବଲିଉଡ ନାଇଟର ଆୟୋଜନ ହେବ। ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ହେବ। ଏଥର ବାଲିଯାତ୍ରାରେ ୩୮୫ ଅସ୍ଥାୟୀ ଶୌଚାଳୟ କରାଯାଇଛି। ଏନେଇ କଟକ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ଫେବୃଆରୀ ୨୧ରୁ ଦଶମ ପରୀକ୍ଷା

**ଭୁବନେଶ୍ୱର,୧୪।୧୧(ମହାଭାରତ):** ଦଶମ ଶ୍ରେଣୀ ଛାତ୍ରାଛତ୍ରୀଙ୍କ ପାଇଁ ପରୀକ୍ଷା ଘଣ୍ଟି ବାଜିଛି। ଆସନ୍ତା ଫେବ୍ରୁଆରୀ ୨୧ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏନେଇ ମାଟ୍ରିକ ପରୀକ୍ଷା ସୂଚୀ ପ୍ରକାଶ କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଫେବ୍ରୁଆରୀ ୨୧ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ଯାଏଁ ଚାଲିବ। ଫେବ୍ରୁଆରୀ ୨୧ ତାରିଖରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ହେବ। ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ ରେ ବିଜ୍ଞାନ, ୩ ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ୬ ତାରିଖରେ ତୃତୀୟ ଭାଷା (ହିନ୍ଦୀ, ସଂସ୍କୃତ) ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସକାଳ ୯ରୁ ଆରମ୍ଭ ହୋଇ ଦିନ ୧୧ ଟା ୩୦ ମିନିଟରେ ଶେଷ ହେବୟ ଗଣିତ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ ମିନିଟ ସମୟ ପ୍ରଦାନ କରାଯାଇଛି। ଅର୍ଥାତ ଗଣିତ ପରୀକ୍ଷା ଦିନ ସକାଳ ୯ରୁ ଆରମ୍ଭ ହୋଇ ଦିନ ୧୧ ଟା ୪୫ ମିନିଟରେ ଶେଷ ହେବ। ସୂଚନାଯୋଗ୍ୟ ମାଟ୍ରିକ୍ ପରୀକ୍ଷା-୨୦୨୫ ପାଇଁ ଏବେ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଫର୍ମଫିଲପ୍ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ଆଗାମୀ ୧୮ ତାରିଖ ଯାଏଁ ଜାରି ରହିବ। ଏହି ପ୍ରକ୍ରିୟା ଶେଷ ହେଲା ପରେ ଚଳିତ ମାଟ୍ରିକ୍ ପରୀକ୍ଷାରେ ସମୁଦାୟ କେତେଜଣ ଛାତ୍ରଛାତ୍ରୀ ସାମିଲ ହେବେ, ସେନେଇ ବିସ୍ତୃତ ବିବରଣୀ ଜଣାପଡ଼ିବ।

ଆଗାମୀ ମାଟ୍ରିକ୍ ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପିଲାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବୁ ପ୍ରକାରର ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ ଉଦ୍ୟମ କରାଯାଉଛି।

# ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ମୋହନ

**ଭୁବନେଶ୍ୱର,୧୪।୧୧(ମହାଭାରତ):** ଆଜି ୟୁନିଟ-୩ ସ୍ଥିତ କ୍ୟାପିଟାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ନୂତନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେତେବେଳେ ବିରୋଧୀ ଦଳରେ ଥିଲେ, ସେତେବେଳେ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେତେବେଳର ସରକାର କିଛି ପଦକ୍ଷେପ ନେଇନଥିଲେ । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାର୍ଥୀଙ୍କ ଭିତରେ ଅପାର ସମ୍ଭାବନା ଏବଂ ପ୍ରତିଭା ରହିଛି। ସେମାନେ ନିଜ ଭିତର ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ। ନୂଆ ନୂଆ ଚିନ୍ତା କରିବା ସହିତ ବଡ଼ ସ୍ୱପ୍ନ ଦେଖିବା ପାଇଁ କେବେ ବି ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ସେମାନେ ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରିପାରିବେ ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶ ନିର୍ମାଣରେ ବିଦ୍ୟାର୍ଥୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି ସୁରଭି ଏକ ସୁନ୍ଦର ଏବଂ ନିଆରା ମଞ୍ଚ, ଯାହା ମାଧ୍ୟମରେ



ସେମାନଙ୍କୁ କଳା, ପ୍ରତିଭା ଏବଂ ସୃଜନଶୀଳତା ଉପସ୍ଥାପନ କରିବାର ସୁଯୋଗ ମିଳୁଛି।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାରଙ୍କର ପ୍ରୟାସ ପିଲାମାନଙ୍କର ଶିକ୍ଷାଗତ, ସାମାଜିକ ଏବଂ ମାନସିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମେ ପିଲାମାନଙ୍କୁ ଏପରି ସଶକ୍ତ କରିବୁ ଯେ ସେମାନେ କେବଳ ନିଜ ପାଇଁ ନୁହେଁ ନିଜ ଗାଁ, ରାଜ୍ୟ ଏବଂ ଦେଶ ପାଇଁ ମଧ୍ୟ ଗୌରବ

ଆଣିବେ ଆମ ଓଡିଶା ବିକଶିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପରିକଳ୍ପନା ବିକଶିତ ଭାରତ ଗଠନ ଦିଗରେ ବିକଶିତ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପି.ଏମ୍. ପୋଷଣ ନିର୍ଦ୍ଦେଶାବଳୀ ଏବଂ ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡିଶା ନାମକ ଏକ କଫି ଟେବଲ ପୁସ୍ତକର ଉନ୍ମୋଚନ କରିଥିଲେ। ଏହା ସହିତ ଐତିହ୍ୟ ବିଦ୍ୟାଳୟର ଲୋଗୋ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଲୋଗୋ ମଧ୍ୟ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂହ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ୩୦ ଜିଲ୍ଲାର ୨୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଦୁଇ ବଡ଼ ଘୋଷଣା

**ଭୁବନେଶ୍ୱର,୧୪।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବଂ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଅଧୀନରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ। ଐତିହ୍ୟ ବିଦ୍ୟାଳୟ : ରାଜ୍ୟର ପୁରାତନ ବିଦ୍ୟାଳୟର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ରାଜ୍ୟର ୧୦୦ ବର୍ଷରୁ ଉର୍ଦ୍ଧ୍ୱପୁରାତନ ବିଦ୍ୟାଳୟ କିମ୍ବା ଜିଲ୍ଲାର ସର୍ବ ପୁରାତନ ବିଦ୍ୟାଳୟ ଗୁଡିକର ବିକାଶ କରାଯିବ ଏହାର ଐତିହ୍ୟ ଓ ଐତିହାସିକ ଗୌରବର ପୁନଃପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ ସମୁଦାୟ ୫୧ଟି ଐତିହ୍ୟ ବିଦ୍ୟାଳୟର ବିକାଶ କରାଯିବ। ଓଡିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲ ଅନ୍ତେବାସୀଙ୍କ ମାସିକ ଖର୍ଚ୍ଚ ରାଜ୍ୟ ସରକାରଙ୍କ ଦ୍ୱାରା ବହନ: ୩୧୪ ଟି ଓଡିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୧୭୩ଟି ଆଦର୍ଶ ବିଦ୍ୟାଳୟରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଯୋଜନା ଅଧୀନରେ ବାଳିକା ହଷ୍ଟେଲ ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଅନୁମୋଦନ ମିଳିସାରିଛି।

# ବଢ଼ିଲା ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ

**ଭୁବନେଶ୍ୱର,୧୪।୧୧(ମହାଭାରତ):** ରାଜ୍ୟ ସରକାର ଆଜି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ପାଇଁ ଅଧିକ ୧ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରାଜ୍ୟର ବିଦ୍ୟାଳୟ ଗୁଡିକରେ ପ୍ରାୟ ୪୩ ଲକ୍ଷରୁ ଅଧିକ ପିଲାଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ସରକାର ମଧ୍ୟାହ୍ନ ଭୋଜନ ପାଇଁ ୫ ଟଙ୍କା ୯୨ ପଇସା ଦେଉଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ୮ ଟଙ୍କା ୮୨ ପଇସା ଦେଉଛନ୍ତି।

# ଦିଲ୍ଲୀ ମେୟର ନିର୍ବାଚନରେ ବାଜି ମାରିଲା ଆପ୍

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟିକୁ ସଫଳତା ମିଳିଛି। ଏମସିଡି ମେୟର ନିର୍ବାଚନରେ ଆପ୍ ପ୍ରାର୍ଥୀ ମହେଶ କୁମାର ଖିଞ୍ଚି ବିଜୟୀ ହୋଇଛନ୍ତି। ମେୟର ନିର୍ବାଚନରେ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କୁ ପରାସ୍ତ କରିଛନ୍ତି ଆପ୍ ପ୍ରାର୍ଥୀ ମହେଶ। ତେବେ ବିଜୟ ସତ୍ତ୍ୱେ ଦିଲ୍ଲୀ ଆପ୍ ପାଇଁ ଚିନ୍ତାର ବିଷୟ ହେଉଛି ଦଳର ୧୦ ଜଣ କାଉନସିଲର ବିଜେପିକୁ ଭୋଟ ଦେଇଛନ୍ତି।


ଦିଲ୍ଲୀ ମହାନଗର ନିଗମ ପାଇଁ ଅନୁଷ୍ଠିତ ମେୟର ନିର୍ବାଚନରେ ଆମ ଆଦମି ପ୍ରାର୍ଥୀ ମହେଶ କୁମାର ଖିଞ୍ଚି ଓ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ମୋଟ ୨୬୫ ଭୋଟ ପଡ଼ିଥିବାବେଳେ ଏଥିରୁ ଆପ୍ ପ୍ରାର୍ଥୀ ମହେଶଙ୍କୁ ମୋଟ ୧୩୫ ଭୋଟ ମିଳିଥିଲା। ହେଲେ ଏଥିରୁ ଦୁଇଟି ଭୋଟ ଅବୈଧ ଘୋଷିତ ହୋଇଥିଲା। ଅର୍ଥାତ ଆପ୍ ପ୍ରାର୍ଥୀଙ୍କ ସପକ୍ଷରେ ୧୩୩ ବୈଧ ଭୋଟ ପଡ଼ିଥିଲା। ଅନ୍ୟପଟେ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କୁ ୧୩୦ ଭୋଟ ମିଳିଥିଲା। ଫଳରେ ୩ ଖଣ୍ଡ ଭୋଟ ବ୍ୟବଧାନରେ ଆପ୍ ପ୍ରାର୍ଥୀ ଏହି ନିର୍ବାଚନରେ ବାଜିମାତ କରିଛନ୍ତି। ଅନ୍ୟପଟେ କଂଗ୍ରେସ ଏହି ନିର୍ବାଚନକୁ ବୟକଟ୍ କରିଥିଲା।

# ମଣିପୁର ୫ ଜିଲ୍ଲାରେ ଆଫସ୍‌ପା ଲାଗୁ

**ଇମ୍ଫାଲ,୧୪।୧୧(ଏଜେନ୍ସି):** ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ମଣିପୁର। ଏଥିପାଇଁ ୬ ପୁଲିସ୍ ଷ୍ଟେସନରେ ଥିବା ୫ ଜିଲ୍ଲାରେ ଆର୍ମଡ ଫୋର୍ସ ସ୍ପେଶାଲ ପାୱାର ଆକ୍ଟ ବା ଆଫସା ଲାଗୁ କରାଯାଇଛି। ଏହାର ଅର୍ଥ ଆଫସା ଲାଗୁ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇଛନ୍ତି। ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ନିଜ ଇଚ୍ଛା ଅନୁସାରେ କଟକଣା ଲଗାଇ ପାରିବେ। ସେହିପରି ସ୍ୱତନ୍ତ୍ର ଅପରେସନ କରି ବିନା ୱାରେଣ୍ଟରେ ଗିରଫଦାରୀ ମଧ୍ୟ କରିପାରିବେ।ହିଂସା ଯୋଗୁ ଅଧିକ ପ୍ରଭାବିତ ହୋଇଥିବା ଜିରିବାମ ସମେତ ୫ ଜିଲ୍ଲାରେ ଆଫସା ଲାଗୁ ହୋଇଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମଣିପୁରର ପଶ୍ଚିମ ଇମ୍ଫାଲ, ପୂର୍ବ ଇମ୍ଫାଲ, ଜିରିବାମ, କାଙ୍ଗପୋକପାଇ ଓ ବିଷ୍ଣୁପୁର ଅଞ୍ଚଳରେ ଆଫସା ଲାଗୁ କରାଯାଇଛି।

# ଜନଜାତୀୟ ଗୌରବ ଦିବସରେ ୬,୬୪୦ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୪।୧୧(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜନଜାତୀୟ ଗୌରବ ଦିବସ ପାଳନ କରିବା ପାଇଁ ବିହାରର ଜାମୁଇ ଗସ୍ତ କରିବେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକୀ ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରିବେ। ଏହି ଅଞ୍ଚଳର ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଆଦିବାସୀ ସଂପ୍ରଦାୟର ଉନ୍ନତି ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ୬,୬୪୦ କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ-ଜନମନ) ଅଧୀନରେ ନିର୍ମିତ ୧୧,୦୦୦ ଆବାସର ଗୃହ ପ୍ରବେଶରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବେ। ସେ ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ଆରମ୍ଭ ହୋଇଥିବା ୨୩ ଟି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ (ଏମଏମୟୁ) ଏବଂ ଆଦିବାସୀ ଅଂଚଳରେ ସ୍ୱାସ୍ଥ୍ୟସେବାର ସୁବିଧା ବୃଦ୍ଧି ପାଇଁ ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏଜିଜିୟୁଏ) ଅଧୀନରେ ଅତିରିକ୍ତ ୩୦ ଏମଏମୟୁକୁ ଉଦଘାଟନ କରିବେ।ଆଦିବାସୀ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଜୀବିକା ସୃଷ୍ଟିରେ ସହାୟକ ହେବା ପାଇଁ ପ୍ରଧାନମନ୍ତ୍ରୀ ୩୦୦ ଟି ବନ ଧନ ବିକାଶ କେନ୍ଦ୍ର (ଭିଡିଭିକେ) ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ପ୍ରାୟ ୪୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର



ଉଦଘାଟନ କରିବେ । ସେ ମଧ୍ୟପ୍ରଦେଶର ଛିନ୍ଦାଡା ଏବଂ ଜବଲପୁରରେ ଦୁଇଟି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଏବଂ ଜମ୍ମୁ ଓ କଶ୍ମୀର ତଥା ସିକ୍କିମର ଗାଙ୍ଗଟକରେ ଦୁଇଟି ଆଦିବାସୀ ଗବେଷଣା ପ୍ରତିଷ୍ଠାନକୁ ଉଦଘାଟନ କରିବେ।ପ୍ରଧାନମନ୍ତ୍ରୀ ଜନମନ ଅଧୀନରେ କମ୍ୟୁନିଟି ହବ୍ ଭାବରେ କାର୍ଯ୍ୟ କରିବା ପାଇଁ ଆଦିବାସୀ ଅଂଚଳରେ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ୫୦୦ କିଲୋମିଟର ନୂତନ ରାସ୍ତା ଏବଂ ୧୦୦ ଟି ବହୁମୁଖୀ କେନ୍ଦ୍ର (ଏମପିସି)ର ଶିଳାନ୍ୟାସ କରିବେ ଆଦିବାସୀ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇବା ପାଇଁ ସେ ୧୧୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୨୫ ଟି ଅତିରିକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିବେ।

# ୩ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

**ଭୁବନେଶ୍ୱର,୧୪।୧୧(ମହାଭାରତ):** ଆଜି ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ବିଗତ ୩ ବର୍ଷ (୨୦୨୦, ୨୦୨୧ ଓ ୨୦୨୨) ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ବିଶିଷ୍ଟ ଲେଖକ, ନିର୍ଦ୍ଦେଶକ ଓ ନାଟ୍ୟକାର ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର (ଜୀବନବ୍ୟାପି ସାଧନା ପୁରସ୍କାର) ପାଇଁ ଅନନ୍ତ ମହାପାତ୍ରଙ୍କୁ ଚୟନ କରାଯାଇଛି। ୩୨ତମ ଚଳଚ୍ଚିତ୍ର ପୁରସ୍କାର-୨୦୨୦ ପାଇଁ ଡଃ ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜିତ ସହିଦ୍ ରଘୁ ସର୍ଦ୍ଦାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇବ। ଉଚ୍ଚଶିକ୍ଷା, କ୍ରିଡ଼ା, ଯୁବ ବ୍ୟାପାର, ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଘୋଷଣା କରିଛନ୍ତି।

୨୦୨୦ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ବିଶ୍ୱନାଥ ପଟ୍ଟନାୟକଙ୍କ ଫିଲ୍ମ ସହିଦ୍ ରଘୁ ସର୍ଦ୍ଦାରକୁ ମନୋନିତ କରାଯାଇଛି। ଠିକ୍ ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ରାକେଶ ସାମଲ(ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ଦେବାଶିଷ ପାତ୍ର(ସହିଦ ରଘୁ ସର୍ଦ୍ଦାର) ଓ ଅମ୍ଲାନ ଦାସ(ରୋମିଓ ରାଜା); ଶ୍ରେଷ୍ଠ ଅଭିନେତ୍ରୀ ଭାବେ କାବ୍ୟାକିରଣ ଶୁକ୍ଲା(ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ କାହାଣୀକାର ଡକ୍ଟର ବିଶ୍ୱନାଥ ପଟ୍ଟନାୟକ(ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ(ବାଳକୃଷ୍ଣ ଦାଶ ସମ୍ମାନ) ବୈଦ୍ୟନାଥ ଦାସ(ରୋମିଓ ରାଜା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସରୋଜ କୁମାର(ରୋମିଓ ରାଜା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଅସୀମା ପଣ୍ଡା(ରୋମିଓ ରାଜା), ଶ୍ରେଷ୍ଠ ଗୀତିକାର ପଞ୍ଚାନନ ନାୟକ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଜ୍ଞାନେନ୍ଦ୍ର କୁମାର ପଲାଇ(ରୋମିଓ ରାଜା), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ପୁଷ୍ପା ପଣ୍ଡା(ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ଶିଶୁ ଅଭିନେତା ଅଜୟ କୁମାର ଚୌଧୁରୀ, ଶ୍ରେଷ୍ଠ କଳା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସେଠୀ(ସହିଦ୍ ରଘୁ ସର୍ଦ୍ଦାର), ସ୍ୱତନ୍ତ୍ର ଜୁରି ପୁରସ୍କାର ବର୍ଷା ପ୍ରିୟଦର୍ଶିନୀ, ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ନୀଳା ମହାପାତ୍ରଙ୍କ କ୍ଷୁଦ୍ର ଚଳଚ୍ଚିତ୍ର ମାସ୍କ, ଶ୍ରେଷ୍ଠ ଖଳ ଅଭିନେତା ରାଜିବ ମହାନ୍ତି(ସହିଦ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଭାବେ ଲିପ୍ସା ମିଶ୍ର(କ୍ୱିନ୍), ଶ୍ରେଷ୍ଠ ସଂଳାପକାର ଭାବେ ଡକ୍ଟର ରଜନୀ ରଞ୍ଜନ ଦାସ(ସହିଦ୍ ରଘୁ ସର୍ଦ୍ଦାର)ଙ୍କୁ ଓଡ଼ିଶା ଚଳଚ୍ଚିତ୍ର ସମ୍ମାନ ପ୍ରଦାନ କରାଯିବ।୨୦୨୦ ମସିହା ପାଇଁ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ପ୍ରଦାନ କରାଯିବ ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର।

୨୦୨୧ ମସିହା ପାଇଁ ଅନୁପମ ପଟ୍ଟନାୟକଙ୍କ ପ୍ରତୀକ୍ଷା ଓ ଅତିଶ କୁମାର ରାଉତଙ୍କ ଡାଲ୍‌ଚିନିକୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି। ଶ୍ରେଷ୍ଠ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ(ତୃଷ୍ଣା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ଅଙ୍କିତ କୁମାର ଓ ଦୀପନ୍ୱିତ ଦାଶ ମହାପାତ୍ରଙ୍କୁ ପ୍ରଦାନ କରାଯିବ। ଠିକ୍‌ସେହି ପରି ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର(ଡାଲ୍‌ଚିନି), ଶ୍ରେଷ୍ଠ କାହାଣୀକାର ରଞ୍ଜନ ଦାସ(ଭୋକ) ଓ ଗୌରହରି ଦାସ(ପ୍ରତୀକ୍ଷା); ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିଦ ମଜୁମଦାର(ତୃଷ୍ଣା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସ୍ୱୟଂପ୍ରଭାସ ପାଢ଼ୀ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ର, ଶ୍ରେଷ୍ଠ ଗୀତିକାର ଚିନ୍ମୟ ଦାସ ପଟ୍ଟନାୟକ(ବିଶ୍ୱାସ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସମରେଶ ରାଉତରାୟ(ତୃଷ୍ଣ ଓ ଅଜାତି), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ସାଧନା ମାଲି ଓ ଏଲିନା ସାମନ୍ତରାୟ; ଶ୍ରେଷ୍ଠ ହାସ୍ୟ କଳାକାର ଭାବେ ଶଙ୍କର ପ୍ରଧାନ, ଶ୍ରେଷ୍ଠ ଶିଶୁ ଅଭିନେତା ନଭନିତ ମହାନ୍ତି, ଶ୍ରେଷ୍ଠ ଖଳ ଅଭିନେତା କୁନା ତ୍ରିପାଠୀ(ଭୋକ), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଇଷାନୀ ସେନ୍ ଗୁପ୍ତା(ଚକ୍ଷୁବନ୍ଧନ), ଶ୍ରେଷ୍ଠ ସଂଳାପକାର ପ୍ରଣବ ଦାସ(ଅଜାତି) ଓ ଚିନ୍ମୟଦାସ ପଟ୍ଟନାୟକ(ବିଶ୍ୱାସ)ଙ୍କୁ ପୁରସ୍କୃତ କରାଯିବ। ୨୦୨୧ ମସିହା ପାଇଁ ବିଶିଷ୍ଟ ଚିତ୍ରତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ।

୨୦୨୨ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଦମନ ମନୋନୀତ ହୋଇଛି। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁଧାଂଶୁ ମୋହନ ପତି(ମାୟାବୀ), ଶ୍ରେଷ୍ଠ ଅଭିନେତା ବାବୁଶାନ ମହାନ୍ତି(ଦମନ), ଶ୍ରେଷ୍ଠ ଅଭିନେତ୍ରୀ ଲୋପାମୁଦ୍ରା ମିଶ୍ର(ବୋଉର ହାତବାକ୍ସ), ଶ୍ରେଷ୍ଠ କାହାଣୀକାର ମିହିର ରଞ୍ଜନ ଆଚାର୍ଯ୍ୟ(ବାଘ ବଜାରୀ), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶ(ବାଳକୃଷ୍ଣ ଦେଶ ସମ୍ମାନ) ପଙ୍କଜ ଜାଲ(ଖରା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ମାଧବ ଦାସ(ଶତ୍ରୁ), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଦୀପ୍ତିରେଖା ପାଢୀ(ମହାବାହୁ), ଶ୍ରେଷ୍ଠ ଗୀତିକାର ଚୂଡ଼ାମଣି ଚନ୍ଦନ(ଖରା) ଓ କପିଳେଶ୍ୱର ଖମାରୀ(ଶତ୍ରୁ), ଶ୍ରେଷ୍ଠ ଚିତ୍ରନାଟ୍ୟ ଡକ୍ଟର ଲିଙ୍ଗରାଜ ନାଥ(ମନସ୍କ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା କୁନାଲ୍ ପଟ୍ଟନାୟକ(ମାୟାବୀ) ଓ ଗଦାଧର ବାରିକ(ଖରା), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ସୁଶୀଲା ନାୟାର(ଖରା), ଶ୍ରେଷ୍ଠ ହାସ୍ୟ ଅଭିନେତା ହରିହର ମହାପାତ୍ର(ମହାବାହୁ), ଶ୍ରେଷ୍ଠ ଖଳ ଅଭିନେତା କୌଶିକ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତ୍ରୀ ମଉବାଣୀ ସରକାର(ମାୟାବୀ) ପାଇବେ ପୁରସ୍କାର।୨୦୨୨ ମସିହା ପାଇଁ ବିଶିଷ୍ଟ ହାସ୍ୟ ଅଭିନେତା ଜୟରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



ଖବର

## ମୁଁ ବେଦାଙ୍ଗଙ୍କୁ ଡେଟ୍ କରୁନାହିଁ: ଖୁସି କପୁର



ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀ ଏବଂ ଫିଲ୍ମ ନିର୍ମାତା ବୋନି କପୁରଙ୍କ ସାନ ଝିଅ ଖୁସି କପୁର ବଡ଼ ପରଦାରେ ପାଦ ଥାପି ସାରିଛନ୍ତି । ଗତବର୍ଷ ରିଲିଜ୍ ହୋଇଥିବା ଜୋୟା ଅଖତରଙ୍କ ନିର୍ଦ୍ଦେଶିତ 'ଦି ଆର୍ଚ୍ଚିଜ୍' ଫିଲ୍ମ ଜରିଆରେ ସେ ବଡ଼ ପରଦାରେ ଡେବ୍ୟୁ କରିଥିଲେ । ତେବେ ଏହି ଚଳଚ୍ଚିତ୍ରର ଅଭିନେତା ବେଦାଙ୍ଗ ରାଇନାଙ୍କ ସହ ଖୁସି ଡେଟ୍ କରୁଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା । ବୁଧବାର ଏକ ସାକ୍ଷାତ୍କାରରେ ଖୁସି ଏନେଇ ପ୍ରତିକ୍ରିୟା ରଖିଛନ୍ତି । ଜଣେ ଅଭିନେତ୍ରୀ ଭାବେ ତାଙ୍କ ଡେଟିଂ ଲାଇଫ୍କୁ ନେଇ ଯେଉଁ ସବୁ ଆଲୋଚନା ଚାଲିଛି ତାକୁ କିପରି ଭାବେ ଗ୍ରହଣ କରୁଛନ୍ତି ବୋଲି ଏହି ସାକ୍ଷାତ୍କାରରେ ଖୁସିଙ୍କୁ ପଚରାଯାଇଥିଲା । ଉତ୍ତରରେ ଖୁସି କହିଛନ୍ତି, ସେ ଏସବୁ ଚର୍ଚ୍ଚା ଓ ଆଲୋଚନାକୁ ବିଶେଷ ଧ୍ୟାନ ନ ଦେଇ ସର୍ବଦା ନିଜ କାମ ଉପରେ ଫୋକସ୍ କରିଥାନ୍ତି । ଜଣେ ଅଭିନେତ୍ରୀ ହୋଇ ଥିବାରୁ ତାଙ୍କୁ ନେଇ ସର୍ବସାଧାରଣରେ ଅନେକ ଆଲୋଚନା ହୋଇଥାଏ । କିନ୍ତୁ ଏସବୁ କେବଳ ଗୁଜବ ବୋଲି ଖୁସି କହିଛନ୍ତି । ସେ ଆହୁରି କହିଛନ୍ତି, ତାରକାମାନଙ୍କର ମଧ୍ୟ ଅନ୍ୟମାନଙ୍କ ପରି ବ୍ୟକ୍ତିଗତ ଜୀବନ ରହିଥାଏ । ଅନ୍ୟମାନେ ଏହାକୁ ସମ୍ମାନ ଦେବା ଉଚିତ । ତେବେ ନିଜ ପରିବାରକୁ ନେଇ ଖୁସି ଏହି ସାକ୍ଷାତ୍କାରରେ କହିଛନ୍ତି, ବର୍ତ୍ତମାନ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ନବାଗତା ଅଭିନେତ୍ରୀ । ତାଙ୍କ ପାଇଁ ବହୁ□ କିଛି ଶିଖିବାକୁ ବାକି ଅଛି । ସେ ତାଙ୍କ କାର୍ଯ୍ୟକୁ ନେଇ ବାପାଙ୍କ ଠାରୁ ପ୍ରାୟତଃ ପରାମର୍ଶ ନେଇଥାନ୍ତି ବୋଲି ଖୁସି କହିଛନ୍ତି । ସେହିପରି ଭାଇ ଅର୍ଜୁନ କପୁର ଓ ବଡ଼ ଭଉଣୀ ଜାହ୍ନବୀ କପୁରଙ୍କର ମଧ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଢେର ଅଭିଜ୍ଞତା ରହିଛି । ଅଭିନୟରେ ଉନ୍ନତି ଆଣିବା ପାଇଁ ସେମାନେ ତାଙ୍କୁ ସବୁବେଳେ ପରାମର୍ଶ ଦେଇଥାନ୍ତି ବୋଲି ଖୁସି କହିଛନ୍ତି । ଖୁବ୍ ଶୀଘ୍ର ଖୁସିଙ୍କୁ ଅଭିନେତା ଆମୀର ଖାନ୍ଙ୍କ ପୁଅ ଜୁନୈଦ ଖାନ୍ଙ୍କ ସହ ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମରେ ଦେଖିବାକୁ ମିଳିବ । ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ଫିଲ୍ମର ନାମ ଘୋଷଣା କରାଯାଇ ନାହିଁ ।



## ଶୀତରେ ତ୍ୱଚାର ଯତ୍ନ



ଥଣ୍ଡା ପାଗରେ ତ୍ୱଚା ଓ କେଶ ଶୀଘ୍ର ପ୍ରଭାବିତ ହୋଇଥାଏ । ଆରମ୍ଭ ସମୟରୁ ଯତ୍ନ ଠିକ୍ ଭାବେ ନ ନେଲେ ବିଭିନ୍ନ ସମସ୍ୟା ଉପୁଜିବାର ଭୟ ରହିଛି । ଯୁବତୀ ଓ ମହିଳାମାନେ ଶୀତ ଦିନେ କେତୋଟି ନିୟମକୁ ମାନି ଚଳିବା ଭଲ ।

■ ଏଇ ଋତୁରେ ଶୋଷ ଲାଗେନାହିଁ । ଏହା ସତ୍ୱ ନିଜ ପାଣି ପିଇବାର ଅଭ୍ୟାସକୁ ବନ୍ଦ କରନ୍ତୁ ନାହିଁ । ପ୍ରତି ଥର ଖାଇବା ପୂର୍ବରୁ ଓ ପରେ ପାଣି ପିଅନ୍ତୁ । ତ୍ୱଚାରୁ ଜଳୀୟ ଅଂଶ କମ୍ ହେଲେ ରୁକ୍ଷତା ବଢ଼େ । ଅତିକମ୍‌ରେ ଦିନକୁ ୯-୧୦ ଗିଲାସ ପାଣି ପିଅନ୍ତୁ ।

ଭଭୋଜନ ଉପରେ ଗୁରୁତ୍ୱ ଦେବାକୁ ଯେପରି ନ ଭୁଲିବେ । ସବୁଜ ପନିପରିବା ମିଶାମିଶି ତରକାରି ସହ ସାଲାଡ୍ ଦ୍ୱିପହର ଭୋଜନରେ ଖାଇଲେ ତ୍ୱଚା ଓ କେଶକୁ ଆବଶ୍ୟକ ପରିମାଣରେ ଖୋରାକ୍ ମିଳିଥାଏ ।

■ କେତେଜଣଙ୍କର ଧାରଣା ଯେ ଶୀତରେ ସୂର୍ଯ୍ୟକିରଣର ପ୍ରଭାବ ତ୍ୱଚା ଉପରେ ପଡ଼େନାହିଁ । ଏଣୁ ସନ୍‌ସ୍କ୍ରିନ୍‌ର ଆବଶ୍ୟକତା ନାହିଁ । ଏହା ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ସକାଳବେଳା, ଦିନବେଳା ଘରୁ ବାହାରିବା ମାତ୍ରେ ସନ୍‌ସ୍କ୍ରିନ୍ ଲଗାଇ ବାହାରନ୍ତୁ ।

■ ବାରମ୍ବାର ତ୍ୱଚାକୁ ମଏଶ୍ଚରାଇଜ୍ ମଧ୍ୟ କରିବା ଆବଶ୍ୟକ । ସ୍ନାନ ପରେ ସନ୍ଧ୍ୟା ସମୟରେ ଓ ରାତ୍ରିରେ ଶୋଇବା ପୂର୍ବରୁ ମଏଶ୍ଚରାଇଜର୍ ଲଗାଇବା ଭଲ ।

■ ସ୍ନାନ ସମୟରେ ଅଧିକ ଗରମ ପାଣିରେ ନ ଗାଧୋଇ ବରଂ ଥଣ୍ଡା ଓ ଗରମ ପାଣିକୁ ମିଶାଇ ଗାଧୋଇବାର ଅଭ୍ୟାସ କରନ୍ତୁ । ଗରମ ପାଣିରେ ଗାଧୋଇଲେ ତ୍ୱଚା ଅଧିକ ଶୁଷ୍କ ହେଉଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।

## ଆଲୋଭେରାର ଘରୋଇ ଉପଚାର



ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ । ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ ।

ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ ।

୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ । ସନବର୍ଣ୍ଣ, ମଶ୍ଚରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ । ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ ।

୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ । ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ । ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ । ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚା କୋମଳ ରହିବ ।

## କାର୍ତ୍ତିକ ପୂର୍ଣ୍ଣିମା ଦିନ ଦାନପୁଣ୍ୟର ରହିଛି ବିଶେଷ ମହତ୍ୱ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସର ଅନେକ ମହତ୍ୱ ରହିଛି । କାର୍ତ୍ତିକ ମାସଧର୍ମ ମାସ କୁହାଯାଏ । କାର୍ତ୍ତିକ ଅମାବାସ୍ୟାର ଯେତିକି ମହତ୍ୱ ଅଛି କାର୍ତ୍ତିକ ପୂର୍ଣ୍ଣିମାର ମଧ୍ୟ ସେତିକି ମହତ୍ୱ ରହିଛି । ଏଥର କାର୍ତ୍ତିକ ପୂର୍ଣ୍ଣିମା ନଭେମ୍ବର ୩୦ ତାରିଖରେ ପଡୁଛି । ଏହି ଦିନ ପବିତ୍ର ଗଙ୍ଗା ନଦୀରେ ବୁଡ଼ ପକାଇବାର ବିଶେଷ ମହତ୍ୱ ରହିଛି । ଗଙ୍ଗା ନଦୀରେ ନହେଲେ ବି ଯେକୌଣସି ପବିତ୍ର ନଦୀରେ ସ୍ନାନ କଲେ ଶୁଭ ଫଳ ମିଳେ ବୋଲି କୁହାଯାଏୟ କା□ମା ପୂର୍ଣ୍ଣିମା ଦିନ ଦାନପୁଣ୍ୟର ବିଶେଷ ମହତ୍ୱ ରହିଛି । ୩୦ ତାରିଖରେ ଗୁରୁନନକ୍ ଜୟନ୍ତୀ ମଧ୍ୟ ପଡୁଛି । ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ୱ ରହିଛି । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟୟ ।ଏହିଦିନ ଦେବ ଦୀପାବଳି ପାଳନ ପରମ୍ପରା ମଧ୍ୟ ରହିଛିୟ କାର୍ତ୍ତିକ ମାସରେ ଦାନପୁଣ୍ୟ କଲେ କଣ ଫଳ ମିଳେ, ଶୁଭ ମୁହୂର୍ତ୍ତ ଏବଂ ପୌରାଣିକ କଥା ସମ୍ପର୍କରେ ଜାଣନ୍ତୁ :



କାର୍ତ୍ତିମା ପୂର୍ଣ୍ଣିମା ଦିନ ଗଙ୍ଗା ସ୍ନାନର ବିଶେଷ ମହତ୍ୱ ରହିଛି । ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି କୁହାଯାଏ । ସ୍ନାନ ପରେ ଦାନ ମଧ୍ୟ କରିବା ଉଚିତ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଗଙ୍ଗା ନଦୀରେ ବୁଡ଼ ପକାଇଲେ ସବୁ ପାପ ନାଶ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି । ସେଥିପାଇଁ ଏହି ଦିନ ଗଙ୍ଗାରେ ବୁଡ଼ ପକାଇବାକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପହଂଚିଥାନ୍ତି ।

କାର୍ତ୍ତିକ ପୂର୍ଣ୍ଣିମା ଆରମ୍ଭ - ନଭେମ୍ବର ୨୯ ତାରିଖ ରାତି ୧୨ଟା ୪୭ ମିନିଟ୍

କାର୍ତ୍ତିକ ପୂର୍ଣ୍ଣିମା ଶେଷ - ନଭେମ୍ବର ୩୦ ତାରିଖ ରାତି ୨ଟା ୫୯ ମିନିଟ୍

ଏକ କଥା ଅନୁସାରେ, ତ୍ରିପୁରାସୁର ନାମକ ରାକ୍ଷସ ୩ ଲୋକରେ ଆତଙ୍କ ଖେଳାଇଥିଲା । ଧୀରେ ଧୀରେ ସେ ସ୍ୱର୍ଗ ଲୋକରେ ମଧ୍ୟ ନିଜ ଅଧିକାର ବିସ୍ତାର କଲା । ତ୍ରିପୁରାସୁର ପ୍ରୟାଗରେ ବହୁତ ଦିନ ଯାଏଁ ତପସ୍ୟା କଲା । ତା ତପସ୍ୟା ତେଜରେ ତିନି ଲୋକ ଜଳିବାକୁ ଲାଗିଲା । ଏହାପରେ ବ୍ରହ୍ମା ତା ସମ୍ମୁଖରେ ପ୍ରକଟ ହେଲେ ଓ ବରଦାନ ମାଗିବାକୁ କହିଲେ । ତ୍ରିପୁରାସୁର ବରଦାନ ମାଗିଲା ଯେ ତାଙ୍କୁ ଦେବତା, ସ୍ତ୍ରୀ, ପୁରୁଷ, ଜୀବଜନ୍ତୁ, ପାଖି, ନିଶାଚର କେହି ବି ମାରିନପାରନ୍ତୁ । ଏହି ବରଦାନ ମିଳିବ ପରେ ତ୍ରିପୁରାସୁର ଅମର ହୋଇଗଲେ ଏବଂ ଦେବତାଙ୍କ ମଧ୍ୟରେ ଅତ୍ୟାଚାର କରିବାକୁ ଲାଗିଲା । ଫଳରେ ଦେବତାମାନେ ବ୍ରହ୍ମାଙ୍କ ପାଖକୁ ଯାଇ ତ୍ରିପୁରାସୁରର ଅନ୍ତ କରିବାକୁ ଉପାୟ ପଚାରିଲେ । ବ୍ରହ୍ମା ତ୍ରିପୁରାସୁରର ଅନ୍ତ କରିବାକୁ ଉପାୟ ବତାଇଲେ । ଏହାପରେ ସବୁ ଦେବତା ଭଗବାନ ଶିବଙ୍କ ପାଖକୁ ଯାଇ ତ୍ରିପୁରାସୁରର ବଧ କରିବାକୁ ପ୍ରାର୍ଥନା କଲେ । ତେବେ ଯାଇ ମହାଦେବ ତ୍ରିପୁରାସୁରର ବଧ କଲେ । ସେଥିପାଇଁ ଅନେକ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରିପୁରୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ ।



## କାଖର କଳାପଣ ଦୂର କରିବା ପାଇଁ ଏହା କରନ୍ତୁ

କାଖ କଳା ପଡିଯାଇଥିଲେ ଚୋଟ ହାତ ଥିବା ଡ୍ରେସ ପିନ୍ଧିବାକୁ ଲାଜ ଲାଗେ । ଏଣୁ ଉଭୟ ପୁଅ ଓ ଝିଅ ସୁବବେଳେ କାଖକୁ ଗୋରା କରିବାକୁ ବିଭିନ୍ନ ଉପାୟ ଆପଣାଇଥାନ୍ତି । ମାତ୍ର ସବୁ ଉପାୟ ସବୁବେଳେ କାମ କରିନଥାଏ । ଫଳରେ କାଖର କଳାଦାଗରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତି ମିଳିନଥାଏ । ବଜାରରେ ମଳୁଥିବା ବିୟୁଟି ପ୍ରଡକ୍ଟ ମଧ୍ୟ କାଖର କଳାପଣ ଦୂର କରିବା ଅପେକ୍ଷା ଚର୍ମକୁ ଆହୁରି ରୁକ୍ଷ କରିଥାଏ ।

ତେଣୁ ଲୋକମାନେ କାଖର କଳାପଣ ଦୂର କରିବାକୁ କଣ କରିବେ ସେ ନେଇ ଚିନ୍ତାରେ ଥାନ୍ତି । ଆପଣ ବି ଯଦି ଏନେଇ ଚିନ୍ତିତ ଅଛନ୍ତି ତେବେ ଆଜି ଆମେ ଏଥିରୁ ମୁକ୍ତି ପାଇବାକୁ କେତେକ ସହଜ ଉପାୟ କହିବାକୁ ଯାଉଛୁ । ଆସନ୍ତୁ ଜାଣିବା ଘରୋଇ ଉପାୟରେ ଅଣ୍ଡରଆର୍ମ କଳାପଣ ଦୂର କରିବା ପ୍ରକ୍ରିୟା

୍ଲେମ୍ବୁ: ଗାଧୋଇବାର ୧୦ ମିନିଟ୍ ପୂର୍ବରୁ ଲେମ୍ବୁକୁ ୫ମିନିଟ୍ ଲେଖାଏଁ କାଖରେ ଘଷନ୍ତୁ । ପରେ ଥଣ୍ଡା ପାଣିରେ କାଖକୁ ପରିଷ୍କାର କରି ଧୋଇ ଦିଅନ୍ତୁ । ଏଭଳି କିଛି ଦିନ କରିବା ଦ୍ୱାରା ଅଣ୍ଡରଆର୍ମକୁ କଳା ଦାଗ ଛାଡିଯିବ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଏଭଳି କରିବା ଦ୍ୱାରା କାଖ ସମ୍ପୂର୍ଣ୍ଣ ଦାଗମୁକ୍ତ ହୋଇଯିବ ।

୍ଆଳୁ: ଅଣ୍ଡରଆର୍ମର କଳାଦାଗ ଦୂର କରିବାରେ ଆଳୁ ମଧ୍ୟ ବେଶ ସହାୟକ ହୋଇଥାଏ । ପ୍ରତିଦିନ ୨୦ମିନିଟ୍ ଲେଖାଏଁ କାଖରେ କଞ୍ଚା ଆଳୁ ଘଷିବା ଦ୍ୱାରା କଳାପଣ ଦୂର ହୋଇଥାଏ । ୭ଦିନ ମଦ୍ୟରେ ଆପଣ ପରିବର୍ତ୍ତନ ଲକ୍ଷ୍ୟ କରିପାରିବେ ।

୍ଘିକୁଆଁରୀ: ଦାଗ ଦୂର କରିବାରେ ଘିକୁଆଁରୀ ମଧ୍ୟ ସାହାଯ୍ୟ କରେ । ତ୍ୱଚାରୁ ମୃତ କୋଷିକାକୁ ବାହାର କରି ଗୋରାପଣ ଆଣିବାରେ ଏହା ସହାୟକ ହୋଇଥାଏ । ଏଥିପାଇଁ ଘିକୁଆଁରୀକୁ ଅଣ୍ଡରଆର୍ମରେ ମସାଜ୍ କରନ୍ତୁ । ସପ୍ତାହରେ ଦିନକୁ ଦୁଇ ଥର ୧୦ମିନିଟ୍ ଲେଖାଏଁ ଏଭଳି କରିବା ଦ୍ୱାରା କଳାପଣ ଦୂର ହୋଇଯିବ ।



## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଶିଶୁ ଦିବସ ପାଳିତ

ଭୁବନେଶ୍ୱର, ୧୪।୧୧ (ମହାଭାରତ): ଭୁବନେଶ୍ୱର ଉପକଣ୍ଠ ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ନମ୍ରତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚେୟାରମ୍ୟାନ ପବିତ୍ର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଆଜିର ଶିଶୁ କାଲିର ନାଗରିକ। ଚପଳମତି ଶିଶୁ ମାନଙ୍କୁ ଶୃଙ୍ଖଳିତ କରି ସୁନାଗରିକ କରି ଗଢି ତୋଳିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ଶ୍ରୀମତୀ ସିଂ ଶିଶୁ ଦିବସର ମହତ୍ୱ, ଶିଶୁ ମାନଙ୍କର ଶିକ୍ଷାଦାନ ପଦ୍ଧତି ଓ ପ୍ରତିଭା ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁ ମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଶିକ୍ଷକ, ଶିକ୍ଷୟତ୍ରୀମାନେ କେକ୍ କାଟି, ନାଚ, ଗୀତ, ମ୍ୟାଜିକ୍ ଶୋ ଓ କ୍ଷୁଦ୍ର ନାଟକ ମୋବାଇଲ ଫୋନର ସଦ୍‌ବ୍ୟବହାର ପରିବେଷଣ କରିଥିଲେ। ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଭରତପୁର ଥାନା ବିବାଦ ମାମଲା

## କମିଶନଙ୍କ ନିକଟରେ ହାଜର ହେଲେ ସମସ୍ତ ପକ୍ଷ

ଭୁବନେଶ୍ୱର, ୧୪।୧୧ (ମହାଭାରତ) : ରାଜଧାନୀ ଭୁବନେଶ୍ୱରର ଭରତପୁର ଥାନାରେ ପୁଲିସ ଏବଂ ସେନା ଅଫିସର ବିବାଦ ମାମଲା ଘଟଣାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତି ଥିବା ସମସ୍ତଙ୍କୁ ହାଜର ପାଇଁ ତଦନ୍ତ କମିସନ ନୋଟିସ୍ ଜାରି କରିଥିଲେ। ନୋଟିସ୍ ଅନୁସାରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ କମିସନଙ୍କ ନିକଟରେ ସେନା ମେଜର ଏବଂ ତାଙ୍କ ବାନ୍ଧବୀ ହାଜର ହୋଇଛନ୍ତି।



ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ନିଲମ୍ବିତ ଅନ୍ୟ ୪ ପୁଲିସ ତଦନ୍ତ କମିସନଙ୍କ ସମ୍ମୁଖରେ ଓକିଲଙ୍କ ଜରିଆରେ ହାଜର ହୋଇଛନ୍ତି।

ତ୍ୟପାଠ ଦାଖଲ ସମୟ ସରିବା ପରେ ଗୁରୁବାର ପ୍ରଥମ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବେ ଜଷ୍ଟିସ ଚିତ୍ତ ରଞ୍ଜନ ଦାସଙ୍କ ନେତୃତ୍ୱରେ ଗଠିତ କମିସନ। ଏହି ମାମଲାରେ କମିସନଙ୍କ ନିକଟରେ ୫୦୦ରୁ ଅଧିକ ସତ୍ୟପାଠ ଦାଖଲ ହୋଇଥିଲା। ସତ୍ୟପାଠ ଗୁଡ଼ିକୁ ଯାଞ୍ଚ ପରେ ସାକ୍ଷ୍ୟ ଗ୍ରହଣ ପାଇଁ ପ୍ରକ୍ରିୟା କମିସନ ଆରମ୍ଭ କରିଛନ୍ତି।

ମୋଟ ୧୬ ଜଣଙ୍କୁ କମିସନଙ୍କ ପକ୍ଷରୁ ସମନ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରେ ମେଜର ଓ ତାଙ୍କ ବାନ୍ଧବୀ, ଅଭିଯୋଗ ଆସିଥିବା ପୋଲିସ ଅଧିକାରୀ ଓ ଗଣ୍ଡଗୋଳ କରିଥିବା ଯୁବକ ରହିଛନ୍ତି। କମିସନଙ୍କ ନିକଟରେ ବ୍ୟକ୍ତିଗତ ଭାବେ ମେଜର ଓ ତାଙ୍କ ବାନ୍ଧବୀ ହାଜର ହୋଇଛନ୍ତି। ସେହିଭଳି ଗଣ୍ଡଗୋଳ କରିଥିବା ଯୁବକଙ୍କ ପକ୍ଷରୁ ତାଙ୍କ ଓକିଲ ହାଜର ହୋଇଛନ୍ତି।

ସେନା ମେଜର ଏବଂ ତାଙ୍କ ବାନ୍ଧବୀ, ନିଲମ୍ବିତ ୫ ପୁଲିସ୍ ଏବଂ ରାସ୍ତାରେ ଆକ୍ରମଣ କରିଥିବା ଯୁବକଙ୍କୁ ମଧ୍ୟ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ସମସ୍ତେ ବ୍ୟକ୍ତିଗତ ଭାବେ କିମ୍ବା ନିଜ ଓକିଲଙ୍କ ଜରିଆରେ କମିସନଙ୍କ ନିକଟରେ ହାଜର ହେବା ପାଇଁ ନୋଟିସରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୧୪ ତାରିଖ ରାତିରେ ଭରତପୁର ଥାନାରେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମେଜରଙ୍କ ସହ ତାଙ୍କ ବାନ୍ଧବୀ ରାତି ଗୋଟାଏ ବେଳେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୁଲିସ ଆକ୍ରମଣ କରିଥିବା ନେଇ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା।

ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ ଜଣ ପୁଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଜାରି ରଖିଛି। ଏହାସହ ଘଟଣାର ତ୍ୱରିତ ତଦନ୍ତ ପାଇଁ ତଦନ୍ତ କମିସନ ମଧ୍ୟ ଗଠନ କରାଯାଇଛି।

## ସମ୍‌ରେ ବିଶ୍ୱ ମଧୁମେହ ଦିବସ ପାଳିତ

ଭୁବନେଶ୍ୱର, ୧୪।୧୧ (ମହାଭାରତ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜେନେରାଲ ମେଡିସିନ୍ ଓ ଏଣ୍ଡୋକ୍ରିନୋଲୋଜି ବିଭାଗ ପକ୍ଷରୁ ଗୁରୁବାର ଦିନ ହସ୍ପିଟାଲ ପରିସରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି।ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ଥିମ୍ ରହିଛି 'ଡାଇବେଟିସ୍ ଆଣ୍ଡ ଓ୍ୱେଲବିଙ୍ଗ୍ ଏମ୍‌ପାଓ୍ୱାରଇଂ ଗ୍ଲୋବାଲ୍ ହେଲଥ୍'। ଏହାର ଅର୍ଥ ମଧୁମେହ ଏବଂ ସୁସ୍ଥତା ସହ ବିଶ୍ୱ ସ୍ୱାସ୍ଥ୍ୟକୁ ସଶକ୍ତ କରିବା ମୂଳ ଲକ୍ଷ୍ୟ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଯୋଗ ଦେଇ କହିଥିଲେ ଯେ ପ୍ରତିବର୍ଷ ଭାରତରେ ୧୨୦ରୁ ୧୩୦ ମିଲିୟନ୍ ଲୋକ ମଧୁମେହ ରୋଗରେ ପୀଡିତ ହେଉଛନ୍ତି। ମଧୁମେହ ରୋଗ ଏକ ସାଙ୍ଘାତିକ ରୋଗ ନୁହେଁ। ଲୋକ ମାନେ ଏହି ରୋଗ ବିଷୟରେ ଯେତେ ଶୀଘ୍ର ସଚେତନ ହେବେ ସେତେ ଶୀଘ୍ର ଏହାର ଭୟ ସେମାନଙ୍କର ମନରୁ ଦୂରେଇ ଯିବ। ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ମଣିଷ ମାନସିକ, ଶାରୀରିକ



ଓ ଆଧ୍ୟାତ୍ମିକ ସ୍ତରରେ ନିଜକୁ ସୁଦୃଢ କରିବା ଜରୁରୀ ବୋଲି ପ୍ରଫେସର (ଡାକ୍ତର) ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ୍ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ କହିଥିଲେ ଯେ ଏହି ରୋଗରୁ ଲୋକମାନେ ମୁକ୍ତି ପାଇପାରିବେ ଏବଂ ଏହି ବାର୍ତ୍ତା ଦେବା ଆମର ମୂଳ ଲକ୍ଷ୍ୟ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଇଏନ୍‌ଟି ବିଭାଗର ମୁଖ୍ୟ ଓ ଇନ୍‌ଚାର୍ଜ ଡିନ୍ ପ୍ରଫେସର (ଡାକ୍ତର) ସୌମ୍ୟ ରଂଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ମଧୁମେହକୁ ଲୋକମାନେ ନ ଡରି ତାହାର ସାମନା କରିବା ଜରୁରୀ। ଗୋଟେ ଲୋକ ମାନସିକ ଦୁଃଶିଂ।ରୁ ନିଜକୁ ମୁକ୍ତ ରଖିବା ସହିତ ଖୁସି ରହିବାକୁ ଚେଷ୍ଟା କରିବା ବୋଲି ପ୍ରଫେସର ଦାସ କହିଥିଲେ।ଏହି ଅବସରରେ ସମ୍ ହସ୍ପିଟାଲ୍‌ର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଜୟଭାନୁ କନ୍‌ଓ୍ୱର କହିଥିଲେ ଇନ୍‌ସୁଲିନ୍‌ର ଉଦ୍‌ଭାବନ ୧୦୦ ବର୍ଷ ତଳେ ହୋଇଥିଲେ ମଧ୍ୟ ଲୋକମାନେ ଏହାର ବ୍ୟବହାର ସମ୍ପର୍କରେ ଏ ପର୍ଯ୍ୟନ୍ତ ଅବଗତ ହୋଇପାରୁ ନାହାନ୍ତି। ତେଣୁ ମଧୁମେହ ରୋଗର ଆଗୁଆ ଚିହ୍ନଟ, ଚିକିତ୍ସା ଓ ଏହାର ନିରାକରଣ ନିମନ୍ତେ ସଚେତନତା ଜରୁରୀ ବୋଲି ସେ କହିଛନ୍ତି।

## ସାଂସଦଙ୍କ ୫୭ ନମ୍ବର ଜାତୀୟ ରାଜପଥର ନୂତନ ବାଇପାସ ରାସ୍ତା ସମୀକ୍ଷା



ଭୁବନେଶ୍ୱର, ୧୪।୧୧ (ମହାଭାରତ) : ଖୋର୍ଦ୍ଧା,୫୭ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ଠାରୁ ସରଧାପୁର ପର୍ଯ୍ୟନ୍ତ ନିର୍ମାଣ ଚାଲୁଥିବା ନୂତନ ବାଇପାସ ରାସ୍ତା ସାଂସଦ ଅପରାଜିତ ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦେବ ବୁଲି ଦେଖିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କାର୍ଯ୍ୟର ଗତି ମନ୍ଥର ହେଉଥିବାରୁ ସାଂସଦ ସଂପୃକ୍ତ ଠିକାଦାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧାବାସୀଙ୍କ ବହୁ ଦିନର ଦାବି ଏବେ ପୂରଣ ହେବାକୁ ଯାଉଛି। ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ନୂତନ ବାଇପାସର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାଂସଦ ଅପରାଜିତ ଷଡ଼ଙ୍ଗୀ ଏହି ପ୍ରୋଜେକ୍ଟ ସଂପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ସହ ଆଲୋଚନା କରି ବଜେଟ୍ ଆଲୋକେସନ କରିଥିଲେ। ୧୫୯.୫୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ନୂତନ ବାଇପାସର ପାଇଁ ସଂପୂର୍ଣ୍ଣ ଜମି ଅଧିଗ୍ରହଣ ସରିଛି। ୬ କିଲୋମିଟର ୩ଶହ ମିଟର ରାସ୍ତା ମଧ୍ୟରୁ ଏକ କିଲୋମିଟର ୯୬୦ ମିଟର ରାସ୍ତା ଓଭର ବ୍ରିଜ୍ ରହିଛି। ଏଥିସହ ୧୨ଟି କଲଭର୍ଟ ମଧ୍ୟ ଏହି ରାସ୍ତାରେ ରହିଛି। ରାସ୍ତାର ପ୍ରସ୍ତ ୧୨ ମିଟର ରହିଥିବା ବେଳେ, ବ୍ରିଜ୍ ନିକଟ ସର୍ଭିସ ରାସ୍ତା ୫.୫ମିଟର ଧାର୍ଯ୍ୟ ହୋଇଛି। ତେବେ ଏହି ନିର୍ମାଣ କାର୍ଯ୍ୟ ୩/୫/୨୦୨୩ ତାରିଖରେ ଆରମ୍ଭ ହୋଇଥିବା ବେଳେ, ୨/୧୧/୨୦୨୪ ମଧ୍ୟରେ ସରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ଷା ଓ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଏହି କାର୍ଯ୍ୟ ୩୧/୦୫.୨୦୨୫ ମଧ୍ୟରେ ସରିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀ ଜଗଦେବଙ୍କୁ ବରିଷ୍ଠ ବିଜେପି ନେତା ନିକୁଂଜ କିଶୋର ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ହୋତା, ବିଭୁରଂଜନ ବଳିୟାରସିଂ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ ଦଳେଇ, କୁନିଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖୋର୍ଦ୍ଧାର ପ୍ରବେଶ ଦ୍ୱାରରେ ସୁଉଚ୍ଚ ତୋରଣ ଗେଟ୍ କରିବାକୁ ପ୍ରସ୍ତାବ ଦେଇଥିଲେ।

## ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି

ଖୋର୍ଦ୍ଧା,୧୪।୧୧ (ମହାଭାରତ) : ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲାଯିବା ପାଇଁ ଆଜି ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ



ଖୋର୍ଦ୍ଧା ବିକାଶ ମଂଚ ତରଫରୁ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏହି ପତ୍ର ଗ୍ରହଣ କରିଥିଲେ।

ଖୋର୍ଦ୍ଧା ରାଜ୍ୟର ୧ନଂ ଜିଲ୍ଲା ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଏକ ମାତ୍ର ମହିଳା ବିଦ୍ୟାଳୟ। ୧୯୮୧ ମସିହାରେ ଖୋର୍ଦ୍ଧା ସଦର ମହକୁମାରେ ମହିଳା ମହାବିଦ୍ୟାଳୟ ସ୍ଥାପନ ହୋଇଥିଲେ ମଧ୍ୟ ବାରମ୍ବାର ଦାବୀ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ୪୪ବର୍ଷ ଧରି ଏଠାରେ +୨ବିଜ୍ଞାନ ଶ୍ରେଣୀ ଖୋଲାଯାଇପାରିଲା ନାହିଁ । ଏଠାରେ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଆବଶ୍ୟକୀୟ ଶ୍ରେଣୀ ଗୃହ ଓ ଅର୍ଥ ମହଜୁଦ୍ ଅଛି।

ଉକ୍ତ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ନ ଥିବାରୁ ବାଳିକାମାନେ ଦୂରଦୂରାନ୍ତରକୁ ଯାଇ ଅନ୍ୟ ମହାବିଦ୍ୟାଳୟରେ ପାଠ ପିବା ସମ୍ଭବପର ନୁହେଁ । ଯାହାଫଳରେ ବହୁ ମେଧାବୀ ଛାତ୍ରୀ ଏହି ପାଠ ପିବାରୁ ବଂଚିତ ହେଉଛନ୍ତି। ଏହି ମହାବିଦ୍ୟାଳୟରେ ବର୍ତ୍ତମାନ ୧୨୦୦ ଛାତ୍ରୀ ଅଧ୍ୟୟନ କରୁଛନ୍ତି।

ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିକାଶ ମଂଚ ର ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରକାଶ ଦାସ, ଉପସଭାପତି ବାଲାଜୀ ପାତ୍ର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସାମ୍ବାଦିକ ଈଶ୍ୱର ମଙ୍ଗରାଜ, ଆଇନ୍‌ଜୀବୀ ଦେବବ୍ରତ ବିଶ୍ୱାଳ, ପ୍ରଦୀପ ଦଳେଇ ଓ ଛାତ୍ର ନେତା ଅବିନାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ପିସିସି ପକ୍ଷରୁ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୧୪/୧୧ (ମହାଭାରତ) : ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜୟ'ୀ ଉତ୍ସବ ଭୁବନେଶ୍ୱରସ୍ଥ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ପକ୍ଷରୁ ମାଷ୍ଟକ୍ୟାଂଟିନ ଛକ ନିକଟସ୍ଥ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରାଯାଇଯାଇଥିଲା। ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୁର୍ତିରେ କଂଗ୍ରେସ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ଡ.ରାମଚନ୍ଦ୍ର ଖୁଂଟିଆ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ମନୋରନ ଦାସ, ଚିନ୍ମୟ ସୁନ୍ଦର ଦାସ, ନଜିବୁର୍ ରହେମାନ୍ ଖାନ୍, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ପୃଥିବୀବଲ୍ଲଭ ପଟ୍ଟନାୟକ, ତରୁଣ ମିଶ୍ର, ଆଲୋକ ମହାନ୍ତି, ମୋଟରାଜ ଡୁଙ୍ଗ୍‌ଡୁଙ୍ଗ୍, ଭାସ୍କର ସେଠୀ, ଜ୍ୟୋତିଷ ସାହୁ, ସଂଜୟ ମିଶ୍ର, ମିହିର ଆଚାର୍ଯ୍ୟ, ସଂଜୟ ରାଉତ ଓ ତୁଷାର ତପସ୍ୱୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳି ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ



ଭୁବନେଶ୍ୱରତା, ୧୪।୧୧ (ମହାଭାରତ): ଷ୍ଟୁଆର୍ଟସ୍କୁଲ, ଭୁବନେଶ୍ୱରର ୬୩ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଏକ ସ୍ୱତନ୍ତ୍ର ଡାକ ଲଫାଫା ଡାକ ବିଭାଗ ତରଫରୁ ଉନ୍ମୋଚିତ ହୋଇଯାଇଛି। ଗତ ଅକ୍ଟୋବର୨୫ ତାରିଖରେ ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟର ଐତିହ୍ୟ ତଥା ଦିବସକୁ ସ୍ମରଣୀୟ କରିବା ପାଇଁ ଏହି ସ୍ୱତନ୍ତ୍ର ଡାକ ଲଫାପା ପ୍ରକାଶ ପାଇଥିଲା। ସ୍ଥାନୀୟ ନୂଆପଲ୍ଲୀଉପ ଡାକ ଘର ଠାରେ ଏହି ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ ହୋଇଥିଲା। ଷ୍ଟୁଆର୍ଟ ସ୍କୁଲ ଅଧ୍ୟକ୍ଷା ଡଃ.ରଶ୍ମିରେଖା ସେନାପତି, ଭୁବନେଶ୍ୱର ଡିଭିଜନର ଉପ-ଡାକ ଅଧିକ୍ଷକ ମୋହନ ସୁନା, ବିଶିଷ୍ଟ ଅନ୍ତର୍ଜାତୀୟ ଫିଲାଟେଲିଷ୍ଟ ତଥା ଏହି ବିଦ୍ୟାଳୟର ୧୯୮୦ ବ୍ୟାଚର ଛାତ୍ର ବିଜୟ କୁମାର ବିଶ୍ୱାଳ, ଏହି ବ୍ୟାଚର ଅନ୍ୟ ଆଲୁମିନି ଭାବନାଥ ଦାସ, ସୁଶାନ୍ତ ମିଶ୍ର, ସତ୍ୟଜିତ୍ ମହାନ୍ତି, ଅସୀମ ମହାପାତ୍ର ଏବଂ ଅନୂପ ପଟ୍ଟନାୟକଙ୍କ ସମେତ ଫିଲାଟେଲିଷ୍ଟ ଅଜୟ କୁମାର ବାରିକ ଏବଂ ଅଜିତ କୁମାର ରାଉତ ପ୍ରମୁଖ ଉପସ୍ଥିତଥିଲେ। ବାର୍ଷିକୋତ୍ସବ ଉପଲକ୍ଷେ ଏହି ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ମଧ୍ୟ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା।

### ୪୩ ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଓଡ଼ିଶା ପାଭିଲିୟନ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୧ (ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଆରମ୍ଭ ହୋଇଛି ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଏହି ମେଳାକୁ ଉଦଘାଟନ କରିଛନ୍ତି। ଏହି ଆନ୍ତଜାତୀୟ ବାଣିଜ୍ୟ ମେଳାରେ ବିଭିନ୍ନ ଦେଶ ଓ ରାଜ୍ୟଗୁଡ଼ିକ ଭାଗ ନେଉଛନ୍ତି।

ଏହି ମେଳାରେ ଆଜି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶା ପାଭିଲିୟନର ଉଦଘାଟନ କରିଛନ୍ତି। ଆଜିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ମେଳାରେ ପ୍ରଗତି ମଇଦାନର ହଲ୍-୨ରେ ଓଡ଼ିଶା ମଣ୍ଡପ ଉଦଘାଟିତ ହେବ। ଏହି ପ୍ୟାଭିଲିୟନରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରର ବିଭିନ୍ନ ଉତ୍ପାଦ ଓ ସେବା ପ୍ରଦର୍ଶିତ ହେବା ସହ ପର୍ଯ୍ୟଟକମାନେ ରାଜ୍ୟର ଅନନ୍ୟ ସମ୍ଭାବନା ଏବଂ ସୁଯୋଗ ବିଷୟରେ ବୁଝିପାରିବେ।



## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ




ଭୁବନେଶ୍ୱର, ୧୪।୧୧ (ମହାଭାରତ): ମଧୁମେହ ନିରାକରଣ, ସୁସ୍ଥ ଖାଦ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ବିଷୟରେ ସଚେତନତା ଉପରେ ଧ୍ୟାନ ଦେଇ ପୂର୍ବତଟ ରେଳପଥ ଆଜି ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଛି । ଭୁବନେଶ୍ୱରର ରେଳବାଇ କେନ୍ଦ୍ରୀୟ ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀ, ଓ୍ୱାକାଥନ୍ ସହ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ରେଳବାଇର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ସେବା ଅଧିକାରୀ ତଥା ରେଳବାଇ କେନ୍ଦ୍ରୀୟ ହସ୍ପିଟାଲର କର୍ମଚାରୀଙ୍କ ଉପସ୍ଥିତିରେ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ରେଳପଥର ପ୍ରମୁଖ ଚିକିତ୍ସା ନିର୍ଦ୍ଦେଶକ ଡ଼ ସୁଶୀଲ କୁମାର ବେହେରା ଏହି ପ୍ରଦର୍ଶନୀରେ ମଧୁମେହ ବ୍ୟକ୍ତିବିଶେଷଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ଯୋଜନା ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଶ୍ରୀ ଫୁଙ୍କଓ୍ୱାଲ ମଧୁମେହର ଶୀଘ୍ର ଚିହ୍ନଟ ଏବଂ ପ୍ରତିରୋଧର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଏବଂ ନିୟମିତ ଭାବରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଉତ୍ସାହିତ କରିଥିଲେ, ବିଶେଷ କରି ସେମାନଙ୍କ ରକ୍ତରେ ଶର୍କରା ସ୍ତର। ଏହି ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସକାଳେ ରେଳପଥର ମୁଖ୍ୟାଳୟ ରେଳ ସଦନରେ ମହାପ୍ରବନ୍ଧକଙ୍କ ଦ୍ୱାରା ଏକ ଓ୍ୱାକାଥନ୍ ଶୁଭାରମ୍ଭ କରାଯାଇଥିଲା ଯାହା କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ରେଳ କର୍ମଚାରୀ, ସେମାନଙ୍କ ପରିବାର, ସାଧାରଣ ଜନତା ଯୋଗ ଦେଇଥିବା ଏହି ଓ୍ୱାକାଥନ୍‌ରେ ମଧୁମେହର ମୁକାବିଲା ତଥା ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସର ପ୍ରତୀକ ଭାବରେ କେନ୍ଦ୍ରୀୟ ଡାକ୍ତରଖାନାରେ ରକ୍ତ ସରକାର ପରୀକ୍ଷା କରାଯାଇଥିଲା।

## କେନ୍ଦ୍ର ନଗର ଉନ୍ନୟନ ଟିମ୍‌ର ସମୀକ୍ଷା

ଭୁବନେଶ୍ୱର ୧୪/୧୧ (ମହାଭାରତ) : ରାଜଧାନୀ ଉପକଣ୍ଠରେ ସହର ଗା ହେବ। ନୂଆ ରୂପ ପାଇବ ସହର। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏକ ଉଚ୍ଚସ୍ତରୀୟ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସିଟିଜ୍ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ପ୍ରତିନିଧି ଦଳରେ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ବିଶ୍ୱ ବ୍ୟାଙ୍କ ଏବଂ ଏସିଆନ୍ ବ୍ୟାଙ୍କର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଆଉ ପାଦେ ଆଗକୁ ବଢିବ। ବିକାଶମୂଳକ କାର୍ଯ୍ୟ ଆଗେଇବ। ଏନେଇ ଉପାଧ୍ୟକ୍ଷ ଏନ୍ ଥିରୁମାଲା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପାଇରାପୁର ଠାରେ ଚାଲିଥିବା ସ୍କିମ୍ ପରିଦର୍ଶନ କରିଥିଲା। ଏହା ସହ ପ୍ରସ୍ତାବିତ ସିଟିଜ ପ୍ରକଳ୍ପ ବୁଲି ଦେଖିଥିଲେ। ସ୍ୱତନ୍ତ୍ର ଟିମ୍ ସହ ଉନ୍ନତିଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଶେଷ କରି ସହରାଞ୍ଚଳ ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯାଇଥିଲା। ବିଶ୍ୱବ୍ୟାଙ୍କ୍ ସହାୟତାରେ କାର୍ଯ୍ୟ ଆଗେଇବ। ରାଜଧାନୀ ଉପକଣ୍ଠକୁ ଲାଗି ୩ ରାଜସ୍ୱ ଗ୍ରାମରେ ହାଇଟେକ ସିଟି ବା ନୂଆ ସହର ଗଠନ ହେବ। ମଳିପଡ଼ା, ଦାସପୁର ଓ ଗୋଠପାଟଣାରେ ପ୍ରାୟ ୮୨୧.୯୬୧ ଏକର ଜମି ଚିହ୍ନଟ



କରାଯାଇଛି। ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବ। ତା ପୂର୍ବରୁ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୋଟ ୭.୫ କିମି ପାଚେରି ନିର୍ମାଣ ହେବ। ସେଥିରୁ ପ୍ରାୟ ୧.୬ କିମି ପାଚେରି ନିର୍ମାଣ କାର୍ଯ୍ୟ କରିଛି ବିଡିଏ।

## ଲୁଟେରାଙ୍କ ଆକ୍ରମଣରେ ମହିଳା ମୃତ

ଭୁବନେଶ୍ୱର, ୧୪।୧୧ (ମହାଭାରତ) : ସୁନା ଚେନ ଲୁଟେରାଙ୍କ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏପରି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ମୃତ ମହିଳା ଜଣଙ୍କ ୟୁ.ବିଷ୍ଣୁ ପାତ୍ର। ଗତ ସୋମବାର ଭୁବନେଶ୍ୱରରୁ ହରିରାଜପୁର ସୋମନାଥ ମନ୍ଦିର ଦର୍ଶନ ପାଇଁ ବାଇକରେ ଯାଉଥିଲେ ଦମ୍ପତି। ସ୍ୱାମୀ ବାଇକ ଚଲାଉଥିବାବେଳେ ସ୍ତ୍ରୀ ୟୁ.ବିଷ୍ଣୁ ପଛରେ ବସିଥିଲେ। ହଠାତ୍ ବାଟରେ କଳା ପଲସର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ। ମୋଟା ଚେନ କାରଣରୁ ନେଇପାରିନଥିଲେ ଲୁଟେରା। ପୁନର୍ବାର ଲୁଟ୍ ପାଇଁ ମହିଳାଙ୍କ ପିଛା କରିଥିଲେ ଲୁଟେରା। ଏଥିସହ ଧାରୁଆ ଅସ୍ତ୍ରରେ ମହିଳାଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଫଳରେ ବିଷ୍ଣୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ମହିଳା ଜଣଙ୍କ ଜୋରରେ ଚିତ୍କାର କାରିବାରୁ ଅଧାବାଟରୁ ଖସି ପଳାଇଥିଲେ ଲୁଟେରା। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୩ ଦିନ ଧରି ଜୀବନ ସହିତ ସଂଗ୍ରାମ ପରେ ଆଜି ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଛି।

# ଝାଡଖଣ୍ଡରେ ପ୍ରତିଶ୍ରୁତି

ଦେଶରେ ଆଦିବାସୀ ବହୁଳ ରାଜ୍ୟ ଭାବେ ପରିଚିତ ଝାଡଖଣ୍ଡରେ ବିଧାନସଭାର ନିର୍ବାଚନ ପରିବେଶ ଯେତିକି ସରଗରମ ହେବାରେ ଲାଗିଛି, ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ଇଣ୍ଡିଆ ଏବଂ ଏନଡିଏ ମେଂଟ ପକ୍ଷରୁ ଟଙ୍କା ବଂଟନର ପ୍ରତିଶ୍ରୁତି ସେତିକି ସେତିକି ବୃଷ୍ଟି ହେବାରେ ଲାଗିଛି। ଝାଡଖଣ୍ଡରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଛି। ନିକଟରେ ଝାଡଖଣ୍ଡ ପାଇଁ ବିଜେପି ଜାରି କରିଥିବା ନିର୍ବାଚନ ଇସ୍ତାହାରରେ ଶିକ୍ଷିତ ଯୁବକଯୁବତୀ ଏବଂ ମହିଳାମାନଙ୍କୁ ମାସିକ ଆର୍ଥୀକ ସହାୟତା ଦେବା ପ୍ରତିଶ୍ରୁତି ଦେଇଛି। ରାଜ୍ୟର ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ଦୁଇ ବର୍ଷ ପାଇଁ ମାସିକ ୨୦୦୦ଟଙ୍କା ନଗଦ୍ ଅର୍ଥ ପ୍ରଦାନ ପାଇଁ ଘୋଷଣା କରିଥିବାବେଳେ ମହିଳାମାନଙ୍କ ପାଇଁ 'ଗୋଗୋ ଦିଦି' ନାମରେ ଘୋଷଣା କରିଥିବା ଏକ ନୂତନ ଯୋଜନାରେ ମାସିକ ୨୧୦୦ଟଙ୍କା ଲେଖାଁଏ ଭତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛି। ସେହିପରି ଜେଏମଏମ-କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଂଟ ମୁଖ୍ୟମନ୍ତ୍ରୀ ମାୟା ସମ୍ମାନ ଯୋଜନାରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଏବଂ ମହିଳାମାନଙ୍କ ପାଇଁ ୧୦୦୦ଟଙ୍କାରୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ମାସିକ ଆର୍ଥୀକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛି। ଏହା ନିସନ୍ଦେହ ଯେ, ଉଭୟ ଇଣ୍ଡିଆ ଏବଂ ଏନଡିଓ ସ୍ୱତନ୍ତ୍ର ମହିଳା ଭୋଟବ୍ୟାଙ୍କ ଗଠନ ପାଇଁ ମହିଳାମାନଙ୍କ ରାଜକୋଷକୁ ଉନ୍ମୁକ୍ତ କରିଦେଇଛନ୍ତି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ଏହା ନିସନ୍ଦେହ ଯେ , ଉଭୟ ମେଂଟ ମଧ୍ୟରେ ମୁଖ୍ୟତଃ ଆଦିବାସୀ ଭୋଟ ପାଇଁ ଲଢେଇ ଚାଲିଛି। ଝାଡଖଣ୍ଡରେ ମୋଟ ଲୋକସଂଖ୍ୟାର ୨୬.୨ ପ୍ରତିଶତ ହେଉଛନ୍ତି ଆଦିବାସୀ। ରାଜ୍ୟର ୮୧ଟି ବିଧାନସଭା ଆସନ ମଧ୍ୟରୁ ଆଦିବାସୀ ସଂପ୍ରଦାୟ ପାଇଁ ୨୮ଟି ଆସନ ସଂରକ୍ଷଣ ରହିଛି। ସେହିପରି ଆଦିବାସୀ ଭୋଟ ହାତେଇବା ଉଭୟ ମେଂଟ ଯୋରଦାର ପ୍ରୟାସ ଜାରି ରଖିଛନ୍ତି। ବିଜେପି ତାର ନିର୍ବାଚନ ଇସ୍ତାହାରରେ ରାଜ୍ୟରେ ୟୁନିଫର୍ମ ସିଭିଲକୋର୍ଡ(ୟୁସିସି) ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିବା ଆଦିବାସୀ ସଂପ୍ରଦାୟକୁ ଏହାର ପରିସରରୁ ମୁକ୍ତ ରଖିବାକୁ ଘୋଷଣା କରିଛି। ଅନ୍ୟପକ୍ଷରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ଆଦିବାସୀ ସଂପ୍ରଦାୟ ପାଇଁ ସ୍ୱତନ୍ତ୍ର ସରଣ ବୋର୍ଡ ପାଇଁ ଗୁରୁତ୍ୱ ଦେଇଛି। ତେବେ ଆଦିବାସୀ ସମ୍ପ୍ରଦାୟରେ ଇଣ୍ଡିଆ ମେଂଟର ଦବ୍‌ଦବା ରହିଛି। ଯାହାକି ଗତ ଲୋକାସଭା ନିର୍ବାଚନରୁ ସଂକେତ ମିଳିଛି। ରାଜ୍ୟର ୧୪ଟି ଲୋକସଭା ଆସନ ମଧ୍ୟରୁ ସମସ୍ତ ୫ଟି ସଂରକ୍ଷିତ ଆସନରେ ଇଣ୍ଡିଆ ବ୍ଲକ ବିଜୟୀ ହୋଇଥିଲା। ବିଜେପି ଆଦିବାସୀଙ୍କୁ ହିନ୍ଦୁ ଭୁକ୍ତ କରିବା ପାଇଁ ପ୍ରୟାସ କରୁଥିବାବେଳେ ଜେଏମଏମ ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟ ପାଇଁ ସାରନ ବୋର୍ଡ ଉପରେ ଗୁରୁତ୍ୱ ଦେଇଛି। ଅହୁରି ଆଦିବାସୀ ଭୋଟଦାତାଙ୍କୁ ଆକର୍ଷିତ କରିବା ଲାଗି ବିଜେପି ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ରାଂଚି ହାଇକୋର୍ଟରେ ଏବେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା (ପିଆଇଏଲ) ବିଚାରଧୀନ ରହିଛି। ଝାଡଖଣ୍ଡର ସାନ୍ତାଳ ପ୍ରଗଣା ଅଂଚଳରେ ବାଂଲା ଅନୁପ୍ରବେଶକାରୀ ବେଆଇନ ଭାବେ ବସବାସ କରୁଥିବା ପିଟିସନରେ ଦାବି ହୋଇଛି । ତେବେ ବାଂଲା ଅନୁପ୍ରବେଶକାରୀଙ୍କ ଦାଉରୁ ବିଜେପି କେବଳ ଆଦିବାସୀଙ୍କୁ ସୁରକ୍ଷିତ ରଖିପାରିବା ନେଇ ଦାବି କରିଛି। ଏହା କିନ୍ତୁ ନିସନ୍ଦେହ ଯେ, ବହୁ ଚର୍ଚ୍ଚିତ ଜମି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ ଏବଂ ଜାମିନରେ ଖଲାସ ଘଟଣା ଏବେ ଇଣ୍ଡିଆ ମେଂଟ ପାଇଁ ବରଦାନ ସଦୃଶ ହୋଇଥିବା କୁହାଯାଇପାରେ। ଲୋକସଭା ନିର୍ବାଚନରେ ୫ଟି ଯାକ ସଂରକ୍ଷିତ ଆସନରେ ବିଜୟ ଏହାର ଜ୍ୱଳନ୍ତ ପ୍ରମାଣ। ସୋରେନଙ୍କ ଅନୁପସ୍ଥିତିରେ ତାଙ୍କ ପତ୍ନୀ କଳ୍ପନା ଲୋକସଭା ନିର୍ବାଚନରେ ପ୍ରଚାରର ନେତୃତ୍ୱ ନେଇ ମହିଳା ଭୋଟରଙ୍କୁ ଆକର୍ଷିତ କରିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ ବିଜେପି ଓବିସିଙ୍କ ଉଚ୍ଚ ଜାତିର ଭୋଟ ହାତେଇବାକୁ ସମର୍ଥ ହୋଇଥିଲା। ଓବିସି ଓ ଉଚ୍ଚଜାତି ଅଧ୍ୟୁଷିତ ଅଂଚଳରେ ଏନଡିଏ ୪୭.୨ ପ୍ରତିଶତ ଭୋଟ ହାସଲ କରିଥିବାବେଳେ ଇଣ୍ଡିଆ ବ୍ଲକ ୩୯.୬୨ ପ୍ରତିଶତ ଭୋଟ ପାଇଥିଲା। ଚଳିତ ବିଧାନସଭା ନିର୍ବାଚନରେ ଆଦିବାସୀ ଓ ମହିଳାଙ୍କ ଭୋଟ ନିର୍ଣ୍ଣାୟକ ହେବ, ଏଥିରେ ସନ୍ଦେହ ନାହିଁ।

# ବୋଇତ ବନ୍ଦାଣ ପରମ୍ପରା

## ଯଶସ୍ୱିନୀ ପଟ୍ଟନାୟକ

କାର୍ତ୍ତିକ ପୂର୍ଣ୍ଣିମାର ପାହାନ୍ତି ପ୍ରହରେ 'ଡ଼ଂଗାଭସା' ଆମର ଏକ ପ୍ରାଚୀନ ପରଂପରା । ଏକଦା ଓଡ଼ିଶାର ସାଧବ ପୁଅ ସୁଦୂର ବାଲି ଜାଭା, ସୁମିତ୍ରା ଦ୍ୱୀପକୁ ବଣିଜ କରି ଯାଉଥିବା ଆମର ଏକ ବିଶ୍ୱାସ । ନିକଟରେ ପୁରୀର ମାଣିକପାଟଣା, କୋଣାର୍କ ନିକଟବର୍ତ୍ତୀ, ଖାଲକଟାପାଟଣା ଏବଂ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣ ଖୋଳାହୋଇ ମିଳିଥିବା ପ୍ରାଚୀନ ମୁଦ୍ରା, ଭଗ୍ନପାତ୍ର ଓ ଜାହାଜର ଲଂଗର ଏହାର ଐତିହାସିକ ସଭ୍ୟତାକୁ ପ୍ରତିପାଦିତ କରୁଛି । ଏ ପରଂପରା ପଶ୍ଚାତରେ ଥିବା ଲୋକକଥା ଓ ବିଶ୍ୱାସ ଯେ ଅମୂଳକ ନୁହେଁ ଏହା କ୍ରମେ ପ୍ରମାଣିତ ହୋଇପାରୁଛି । ଚଂନ୍ଦ୍ରାକିତ ରଜନୀ । ସ୍ୱଚ୍ଛ ସୁନୀଳ ଆକାଶ । କୁହୁଡ଼ିର ମ୍ଳାନ ଆସ୍ତରଣ ଭିତରେ ଆଉଟା ରୂପା ପରି ଶୁଭ୍ର ଜ୍ୟୋସ୍ନା ସୃଷ୍ଟି କରୁଥାଏ ଏକ ଅପରୂପ ମାୟା । ସତେ ଯେପରି ଜହ୍ନ ଆଲୁଅ ପହଁରି ପହଁରି ଆସି ଛୁଇଁ ଯାଉଛି ମାଟି । ଆଜି ହେଉଛି ଓଡ଼ିଆ ଜନଜୀବନର ସବୁଠାରୁ ସ୍ମରଣୀୟ ଦିନ, କାର୍ତ୍ତିକ ପୂର୍ଣ୍ଣିକା । ହେମନ୍ତର ଶିଶିର ସ୍ନାତ ବନ୍ଦାଣର ବେଳା । ଭଳି ଭଳି ରଂଗର ସୋଲ କାଗଜ ଅଥବା କଦଳୀ ବାସୁଂଗାର ଡ଼ଂଗା । କାଠିରେ ମୁଡା ହୋଇଥିବା ଘିଅ ଭିଜା ତୁଳା ସଳିତା । ହାତରେ ପାନପତ୍ର, ଗୁଆ, ଅକ୍ଷତ, ରାଶିର ପଞ୍ଚଶସ୍ୟ । କାଗଜ ଡଙ୍ଗାର ସଳିତା ପ୍ରଜ୍ୱଳିତ ହୋଇଥାଏ । ଗୁଆ ଅକ୍ଷତ ସହ ପାନ ଗୁଆ ଅର୍ପଣ କରି ପାଣି ଚହଲାଇ ଡଂଗାକୁ ଭସାଇ ଦିଆଯାଏ । ହୁଳି ହୁଳି ଓ ଶଂଖ ନିନାଦ ସହ ସବୁରି କଣ୍ଠରେ ଗୋଟିଏ ଧ୍ୱନୀ "ଆ, କା, ମା, ଭୈ...ପାନ ଗୁଆ ଖାଇ । ଗାଁ ପୋଖୀରୀରେ ଅସଂଖ୍ୟ ଆଲୋକ ପ୍ରଜ୍ୱଳିତ ସୋଲ, କାଗଜ, ବାସୁଂଗାର ଡଂଗା । ଭୁଆଷୁଣୀ ବୋହୁଠାରୁ ବୃଦ୍ଧା ଓ କୁନି କୁନି ପିଲାଙ୍କ ଭିତରେ କୋଳାହଳମୟ ତଟ ଦେଶ । ନିଜ ବାଡ଼ିର ଟୁବ ଗାଡ଼ିଆଠାରୁ, ନଦୀ ଓ ସମୁଦ୍ର ଯାଏ ଏହି ଏକା ଦୃଶ୍ୟ ସବୁଠିଁ ଓଡ଼ିଶା ସାରା ଏ ଆମ 'ବାଇତ ବନ୍ଦାଣ'ର ପରଂପରା । ବୋଇତ ବନ୍ଦାଣର ସେ ଗହଗହ ମୁହୂର୍ତ୍ତ ପ୍ରତ୍ୟେକ ଶିଶୁର ମାନସ ପଟରେ ଆଙ୍କି ହୋଇ ରହିଯାଏ ଆଜୀବନ । ସିଂଦୂରା ଫାଟି ଆସୁଥିବା ଆକାଶ, ଲିଭି ଲିଭି ଆସୁଥିବା ତାରା, ମଉଳି ଆସୁଥିବା ଜହ୍ନର ଆଲୁଅ, କୁହୁଡ଼ି ଘେରା ଦିଗନ୍ତ, କଳରବ କରି ଉଡ଼ିଯାଉଥିବା ମାଳ ମାଳ ଚଢ଼େଇର ସ୍ୱର, ଗାଁର ଅନତିଦୂର ମଂଦିରରୁ ଭାସି ଆସୁଥିବା ଅହୋରାଜ ସଂକୀର୍ତ୍ତନର ଉଦଣ୍ଡ ଶବ୍ଦ, କୁଳବଧୂମାନଙ୍କର ପାଉଁଜି ସିଂଜନି, ହୁଳହୁଳି ଓ ଶଂଖର ଧ୍ୱନୀ ଏବଂ ସର୍ବୋପରି ଦୀପାବଳୀରୁ କଳକୀ ରହିଯାଇଥିବା କିଜ ଆତମ୍‌ବାଜିର କରାମତି- ଏସବୁ ଶବ୍ଦ ମିଶିକିଧରି ଏକ ଅପୂର୍ବ ଆବେଗ ସୃଷ୍ଟି କରେ । ବାରମ୍ବାର ଚହଲା ପାଣିରେ ଦୂରକୁ ଭାସି ଭାସି ଚାଲିଯାଉଥାଏ କାଗଜ ଡଂଗା । ଲିଭିଯାଏ ସଳିତା, କିଂତୁ ଆଜିଯାଏ ଲିଭିନାହିଁ ଏ ପରଂପରା।

କେତେଦିନର ଏ ପରଂପରା - ଆଜି ଯାଏ ତା'ର ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ମିଳିନାହିଁ । ଏ ମାଟିରେ ପ୍ରମାଣକୁ ଖୋଜି, ତାହାକୁ ଆଧାର କରି ପରଂପରା ପାଳିତ ହୁଏ ନାହିଁ ହୁଏ ବିଶ୍ୱାସବୋଧରୁ, ପିଢ଼ି



ପରେ ପିଢ଼ି ଆସୁଥିବା ଏକ ପାରାଂପାରିକ ଧାରା ପ୍ରତି ଗଭୀର ସମ୍ମାନବୋଧରୁ । ଠିକ୍ ଏହି ସମୟରେ ମାସଟିଏ ପାଇଁ ଜଳେ ଆକାଶଦୀପ । ପ୍ରବାସକୁ ବୋଇତ ନେଇ ଯାଉଥିବା ନିଜ ଆତ୍ମୀୟ ସ୍ୱଜନଙ୍କ ପାଇଁ ଅଜସ୍ର ଶୁଭମନାସ ଜଣାଇ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପଟିଏ ଉଠାଯାଏ ସଳଖ ବାଉଁଶଟିରେ ଅଗ୍ରଭାଗ ଯାଏ - ସେ ଆଲୁଅ ଦେଖି ପ୍ରବାସଯାତ୍ରୀ ବୁଟେ, ସେ କେତେଦୂର ଚାଲି ଆସିଲାଣି ଜଳଯାତ୍ରାରେ । ପ୍ରତିବର୍ଷ ଚତୁର୍ମାସ୍ୟାରେ ବାଣିଜ୍ୟ ଶେଷ କରି ପରବାସୀ ନିଜ ଘରକୁ ଫେରେ - ଆଷାଢ଼ରୁ କାର୍ତ୍ତିକ ଯାଏ ହେ ମା । ବରାଭୟ ପ୍ରଦାନ କର - ସେଇଥି ପାଇଁ ଆ, କା, ମା' ଭୈ । ପୁଣି କାର୍ତ୍ତିକରୁ ବିଦାୟ ନିଏ ସାଧବ ପୁଅ ବର୍ଷାକାଳ ଆରମ୍ଭଯାଏ । କାର୍ତ୍ତିକ ମାସରେ ଓଡ଼ିଶାରେ ଅନ୍ୟତମ ପର୍ବ ପାଳିତ ହୁଏ - ବାଲିଯାତ୍ରା । ୧୯୯୩ ମସିହାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗପକ୍ଷରୁ ଏକ ନୌଯାତ୍ରୀ ଦଳକୁ ନେଇ ସୁସଜ୍ଜିତ ବୋଇତ ଯାତ୍ରା କରିଥିଲା ଇଂଦୋନେସିଆ, ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ନାମକ ଶତାଧିକ ଦ୍ୱୀପପୁଞ୍ଜର ଏଇ ଶ୍ୟାମଦେଶ ବା ଇଂଦୋନେସିଆ । ଓଡ଼ିଶାରେ ନୌଯାତ୍ରା ସଂପର୍କରେ ବହୁ କିମ୍ବଦନ୍ତୀ ପ୍ରଚଳିତ । ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ, ଜଗନ୍ନାଥ ବଳଭଦ୍ରଙ୍କ କଳାଘୋଡ଼ା, ଧଳାଘୋଡ଼ା ଚଢ଼ିଯାତ୍ରା ଏବଂ ମାଣିକ ଗଉଡୁଣୀର ଦହିଖାଇ ରତ୍ନମୁଦ୍ରିକା ପ୍ରଦାନ କିମ୍ବଦନ୍ତୀ ସୂଚନା ଦିଏ ମାଣିକପାଟଣାଠାରେ ଆବିଷ୍କୃତ ବୋଇତ ପ୍ରାଚୀନ ଚୀନ ଦେଶର ପାତ୍ର, ଶ୍ରୀଲଙ୍କାର ପ୍ରାଚୀନ ମୁଦ୍ରା । ଏହି ପ୍ରତ୍ନତାତତ୍ତ୍ୱିକ ଖନନର ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଗବେଷକ, ବିଶେଷଜ୍ଞ ଡଃ କରୁଣା ସାଗର ବେହରା । ସମୁଦ୍ର ଓ ସମୁଦ୍ର ଯାତ୍ରା ସହିତ ଆମର ପରମ୍ପରାର ନିବିଡ଼ ସଂପର୍କ ରହିଛି । ପରମ୍ପରାକୁ ପ୍ରତିପାଦିତ କରିବାକୁ ହେଲେ ଭୌଗୋଳିତ ଅବସ୍ଥାନକୁ ବିଚାରକୁ ନେବାକୁ ପଡ଼ିବ । ଉତ୍କଳୀୟ ପରମ୍ପରାକୁ ପୁନଶ୍ଚ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରିପ୍ରେକ୍ଷୀରେ ବିଚାର କରିବାକୁ ହେବ । ସମୁଦ୍ର ଯାତ୍ରାର ସୂଚନା ଆମର ବୈଦିକ ଯୁଗରୁ ରହିଛି । ସିନ୍ଧୁ ସଭ୍ୟତାର ଖନନରୁ ବୋଇତର ଖୋଦିତ ଚିତ୍ର ମଧ୍ୟ ରହିଛି । ବହୁ ପ୍ରାଚୀନ କାଳରୁ ବାହାର ଦେଶମାନଙ୍କ ସହିତ ଆମର ବାଣିଜ୍ୟକ ଓ ସାଂସ୍କୃତିକ ସଂପର୍କ ରହିଥିବାର ପ୍ରମାଣ ଅଛି । ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ବଙ୍ଗଳା, ତାମିଲନାଡୁ ଓ ଗୁଜୁରାଟ୍ ଭଳି ସମୁଦ୍ର ଉପକୂଳର ରାଜ୍ୟମାନଙ୍କର ସଂପର୍କ ରହିଥିବା ପ୍ରତିଷ୍ଠିତ ହୋଇସାରିଛି । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ କ୍ଷେତ୍ରରେ ବାହାର ଦେଶମାନଙ୍କ ସଂପର୍କନେଇ ପୂର୍ବରୁ ବିଶେଷ କିଛି ଗବେଷଣା ହୋଇନଥିଲା । ଏହା କେତେ ପ୍ରାଚୀନ ଏବଂ ଏହାର ଐତିହାସିକ ଗୁରୁତ୍ୱ କେତେଦୂର ରହିଛି, ସେ ସଂର୍ପକରେ ସବିଶେଷ ତଥ୍ୟ ଆଜିଯାଏ ଉଦ୍‌ଘାଟିତ ନ ହୋଇଥିଲେ ବି ଉତ୍କଳୀୟ ନୌବାଣିଜ୍ୟ ଯେ ଏକଦା ଥିଲା, ତାହା ଅନ୍ତତଃ ପକ୍ଷେ ସ୍ପଷ୍ଟ । ଆମର 'ବୋଇତ ବନ୍ଦାଣ' ପରମ୍ପରା ବହୁ ପ୍ରାଚୀନ, ଏକ ସତ୍ୟବଦ୍ଧ ଐତିହ୍ୟ ଉପରେ ଏହାର ଭିତ୍ତି ପ୍ରତିଷ୍ଠିତ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଜୀବନ ଚେତନାରେ ଭଗବତ ଗୀତା

## ଡକ୍ଟର ତପନ କୁମାର ପାଳ

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଗୀତା ଏକ ପୂଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ୍ୟ ରହିଛି। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶଖା ଅର୍ଜ୍ଜୁନଙ୍କୁ ଶୁଣାଇଛନ୍ତି। ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି। ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜ୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜ୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ। ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି। ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି। ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,

ର-ଙ୍କବସକ୍ଷ :

କ୍ତବକ୍ଷଶ୍ବକକ୍ତବଭଳଙ୍କଙ୍କବକ୍ବ୦୦୭ଅଶଙ୍କବସକ୍ଷ.ମକ୍ଟଙ୍କ

# ସେବା ଓ ଜ୍ଞାନର ତତ୍ତ୍ୱ

## ନିରୂପମା ଭୂୟାଁ

ଗୁରୁଙ୍କ ନିକଟରେ ଜଣେ ଶିଷ୍ୟ ଦୀକ୍ଷା ଗ୍ରହଣ କରିବାକୁ ଆସିଲେ। ଯିଏକି ସ୍ୱଭାବରେ ବେଶ ଶାନ୍ତ ଓ ନମ୍ର ଥିଲେ। ନିଷ୍ଠାର ସହ ସେ ଗୁରୁଙ୍କ ସେବା କଲେ। ମାତ୍ର ଦୁର୍ବଳତା କେବଳ ଏତିକି ଥିଲା ଯେ ସେ ବିଦ୍ୟା ଅଧ୍ୟୟନ କରିବାକୁ ଆଦୌ ଚେଷ୍ଟା କରୁନଥିଲେ। ତେଣୁ ଗୁରୁ ଅଧିକାଂଶ ସମୟରେ ତାଙ୍କୁ ବିଦ୍ୟା ଅଧ୍ୟୟନ ପାଇଁ ପ୍ରେରିତ କରୁଥିଲେ। ମାତ୍ର ଫଳ ସବୁବେଳେ ନୈରାଶ୍ୟଜନକ ଥିଲା। ଏହାଛଡ଼ା ଶିଷ୍ୟ ଜଣଙ୍କ ସବୁବେଳେ କହୁଥିଲେ, 'ଗୁରୁଦେବ ! ଆପଣ ଜଣେ ମହାନ୍ ଜ୍ଞାନୀ ପଣ୍ଡିତ ଯାହାଙ୍କ ସେବା କରିବାର ଅବସର ମୋତେ ମିଳିଛି। ତା'ଠାରୁ ବଡ଼ କାମ ଦୁନିଆଁରେ ଆଉ କିଛି ନାହିଁ। ତେଣୁ ବିଦ୍ୟା ଅଧ୍ୟୟନ କରି ଯେଉଁ କଲ୍ୟାଣ ଲାଭ କରିଥାଆନ୍ତି ତାହା ଆପଣଙ୍କ ସେବାରୁ ପାଉଛି।' ଦିନେ ଗୁରୁଦେବ ଶିଷ୍ୟକୁ ଜ୍ଞାନ ଓ ସେବାର ପ୍ରକୃତ ମୂଲ୍ୟ ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଲେ, ''ଶିଷ୍ୟ ! ସେବାର ସ୍ଥାନ ଜ୍ଞାନ କେବେ ନେଇପାରେ ନାହିଁ, କି ଜ୍ଞାନର ସ୍ଥାନ ସେବା କେବେ ନେଇପାରେ ନାହିଁ। ଯେପରି ଆଖିର ନିଜସ୍ୱ ଭୂମିକା ରହିଛି ସେପରି ଜ୍ଞାନର ମଧ୍ୟ ନିଜସ୍ୱ ଭୂମିକା ରହିଛି। ଅନ୍ୟର ଆଖି ସବୁବେଳେ ଅନ୍ୟର ହୋଇଥାଏ। ସେହିପରି ମୁଁ ଯେତେ ଜ୍ଞାନୀ ହୋଇଥିଲେ ବି ମୋ ଜ୍ଞାନ ମୋ ପାଖରେ। ଯଦି ତୁମେ କେବଳ ମୋର ସେବା କରିବ ବିଦ୍ୟାକୁ ପସନ୍ଦ କରିବ ନାହିଁ ତେବେ ମୋ ଜ୍ଞାନ ତୁମକୁ ପ୍ରାପ୍ତ ହେବନାହିଁ। କାରଣ ଅନ୍ୟର ଆଖି ପରି ଅନ୍ୟର ଜ୍ଞାନ ମଧ୍ୟ ବିପଦ ସମୟରେ କାର୍ଯ୍ୟରେ ଆସିନଥାଏ। ମାତ୍ର ଆଜିକାଲିର ଅଧିକାଂଶ ଗୁରୁ ଏଭଳି ଶିଷ୍ୟକୁ ଖୋଜି ବୁଲନ୍ତି ଯିଏ ତାଙ୍କ କଥାକୁ ଅନ୍ଧଭାବେ ବିଶ୍ୱାସ କରୁଥିବ।'' ଗୁରୁଙ୍କ ଏପରି ବାଣୀରେ ଶିଷ୍ୟ କୌଣସି ଉତ୍ତର ଦେଲା ନାହିଁ। ତେଣୁ ଗୁରୁ ଏହା ଉପରେ ଆଧାରିତ ଏକ କାହାଣୀ ଶୁଣାଇଲେ। ଜଣେ ବ୍ୟକ୍ତି ରହୁଥିଲେ। ତାଙ୍କର ଚାରଟି ପୁତ୍ର ଥିଲେ। ସେମାନେ ଆଜ୍ଞାକାରୀ ଓ ନମ୍ର ସ୍ୱଭାବର ଥିଲେ। ସମସ୍ତଙ୍କ ବିବାହ ହେଲା ଓ କିଛି ବର୍ଷର ଅନ୍ତରାଳରେ ସେମାନଙ୍କ ପରିବାର ପୂର୍ଣ୍ଣ ହୋଇଗଲା। ସମୟ ବିତିବାକୁ ଲାଗିଲା। ବ୍ୟକ୍ତି ଜଣଙ୍କ ବୃଦ୍ଧ ହେଲେ। ତାଙ୍କ ଶରୀର ଶକ୍ତିହୀନ ହେବା ସହ ଦୃଷ୍ଟିଶକ୍ତି କମିଗଲା। ବୃଦ୍ଧଙ୍କ ବୋହୂମାନେ ଅନେକ ଥର ଆଖି ଅସ୍ତ୍ରୋପଚାର କରାଇଲେ, ମାତ୍ର କିଛି ଫଳ ମିଳିଲା ନାହିଁ। ବୃଦ୍ଧ ଭାବୁଥିଲେ ଆଖି ନ ରହିଲେ ବି ପୁଅ ବୋହୂ ଓ ନାତି ନାତୁଣୀଙ୍କ ଆଖିରେ ସେ ବାକି ଜୀବନ ବିତାଇବେ। ସମୟ ଆସିଲା ବୃଦ୍ଧ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଗଲେ। ପ୍ରତ୍ୟେକ କାର୍ଯ୍ୟରେ ଅନ୍ୟର ସହାୟତା ଲୋଡ଼ିଲେ। ଏହାସତ ଯେ ପରିବାର ଲୋକେ ତାଙ୍କ ଧ୍ୟାନ ରଖୁଥିଲେ କିନ୍ତୁ ଦିନେ ରାତିରେ ଏଭଳି ସଙ୍କଟରେ ପଡ଼ିଲେ ଯେ ଯେଉଁଥିପାଇଁ ତାଙ୍କୁ ନିଜ ଜୀବନ ସବୁଦିନ ପାଇଁ ହରାଇବାକୁ ପଡ଼ିଲା। କାରଣ ରାତିରେ ହଠାତ୍ ନିଆଁ ଲାଗିବାରୁ ପରିବାର ଲୋକ କୌଣସି ଉପାୟରେ ଘରୁ ବାହାରକୁ ଚାଲିଗଲେ ମାତ୍ର ବୃଦ୍ଧ ଅନ୍ଧ ହୋଇଥିବାରୁ ଆସିବାର ବାଟ ଜାଣିପାରିଲେ ନାହିଁ। ଶେଷରେ ନିଆଁରେ ପୋଡ଼ିହୋଇ ମରିଗଲେ। ଏହାପରେ ଗୁରୁ ଶିଷ୍ୟକୁ ପଚାରିଲେ ଯଦି ଉକ୍ତ ବୃଦ୍ଧର ନିଜସ୍ୱ ଆଖି ଥାଆନ୍ତା ତେବେ କ'ଣ ସେ ମୃତ୍ୟୁବରଣ କରିଥାଆନ୍ତା। ଶିଷ୍ୟ କହିଲା ନାଁ ଗୁରୁଜୀ।

ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,


# ବଡ଼ ଓଷା ଓ ଶୈବପୀଠ ଧବଳେଶ୍ୱର

## ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶା ପରମ୍ପରା ସହ ଓତଃପ୍ରୋତ ଭାବେ ଜଡ଼ିତ ଧର୍ମମାସ କାର୍ତ୍ତିକର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ବଡ଼ଓଷା। ଏହା କାର୍ତ୍ତିକ ମାସର ଅନ୍ତିମ ଦିବସ ଅର୍ଥାତ୍ ମାସାନ୍ତରେ ପାଳିତ ହୋଇଥାଏ। ଉପକୂଳ ଓଡ଼ିଶା ବିଶେଷକରି କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ବଡ଼ ଓଷା ବେଶ୍ ଭକ୍ତି ଭାବ ସହକାରେ ପାଳିତ ହୋଇଥାଏ। ଏହି ଦିନରେ ନିଜର ତଥା ଆତ୍ମୀୟମାନଙ୍କ କଲ୍ୟାଣର୍ଥେ ବ୍ରତ ରଖାଯାଇଥାଏ। ବ୍ରତ ରଖିବା ବ୍ୟତୀତ ଆକାଶଦୀପ ଉଠିଥାଏ। ଓଷା ରଖୁଥିବା ବ୍ରତଧାରୀମାନେ ଏହି ଦିନ ଉପବାସ ରହିଥାନ୍ତି। ପରଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଦିଅଁ ଦର୍ଶନ କରି ଭୋଗ ସେବନ କରିଥାନ୍ତି। କଟକ ମହାନଦୀ ତଟରେ ଥିବା ଧବଳେଶ୍ୱର ପୀଠରେ ମହାଆଡ଼ମ୍ବରରେ ଆୟୋଜିତ ହୋଇଥାଏ ଏହି ପର୍ବ। ଏହି ଅବସରରେ ମହାପ୍ରଭୁ ଧବଳେଶ୍ୱରଙ୍କ ଠାରେ ଗଜଭୋଗ ଲାଗି କରାଯାଇଥାଏ। ବ୍ରହ୍ମାଙ୍କ ଦ୍ୱାରା ଶାପଗ୍ରସ୍ତ ହେବା ପରେ ଦେବରାଜ ଇନ୍ଦ୍ର ଧବଳେଶ୍ୱର ପୀଠକୁ ଆସି ଶାପମୁକ୍ତ ହୋଇଥିଲେ ବୋଲି ପଦ୍ମପୁରାଣରେ ବର୍ଣ୍ଣିତ ଅଛି। ଦେବଦେବ ମହାଦେବଙ୍କ ପୀଠ ହୋଇଥିବାରୁ ଏଠାରେ ମହାଶିବରାତ୍ରୀ, ଶୀତଳଷଷ୍ଠୀ, ବଡ଼ଓଷା ଓ ଅଶୋକାଷ୍ଟମୀ ଆଦି ପର୍ବପର୍ବାଣୀ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ବିଶେଷକରି ବୋଲବମ୍ ଓ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ପୁରୀ ଶ୍ରୀମନ୍ଦିରପରି ଏଠାରେ ମଧ୍ୟ ପୂର୍ବପୁରୁଷଙ୍କୁ ପିଣ୍ଡ ଦିଆଯାଏ। ଏଥିସହ ପବିତ୍ର କାର୍ତ୍ତିକ ମାସ ସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ପ୍ରସିଦ୍ଧ ବଡ଼ଓଷା ପଡୁଥିବାରୁ ପୀଠଟି ଚଳଚଞ୍ଚଳ ହୋଇଉଠେ। ଏହିଦିନ ବିଳମ୍ବିତ ରାତ୍ରରେ ପ୍ରଭୁଙ୍କ ବଡ଼ସିଂହାର ବେଶ ଦେଖିବା ପାଇଁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥାଏ। ବିଡ଼ାନାସୀପଟୁ ଡଙ୍ଗା ଏବଂ ଆଠଗଡ଼ପଟୁ ଝୁଲାପୋଲ ଦେଇ ହଜାର ହଜାର ଭକ୍ତ ଏଠାକୁ ଆସି ବେଶ ଦର୍ଶନ କରିଥାନ୍ତି। ଏଥିସହ ପ୍ରଭୁଙ୍କ ପ୍ରିୟ ଗଜଭୋଗ ପାଇବା ପାଇଁ ରାତି ତମାମ ଉଜାଗର ରୁହନ୍ତି। ଧଳା ଓ ଈଶ୍ୱର ଶବ୍ଦର ଏକୀକରଣରୁ ଧବଳେଶ୍ୱର ଶବ୍ଦ ଉତ୍ପତ୍ତି। ଏପରି ନାମକରଣ ପଛରେ ଏକ କିମ୍ବଦନ୍ତୀ ରହିଛି। ଏକଦା ଜଣେ ଚୋର ନିକଟ ଗ୍ରାମରୁ କଳା ବାଛୁରୀକୁ ଚୋରି କରି ଏହି ପୀଠରେ ଲୁଚିଥିଲା। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ତାକୁ ଧରିବା ପାଇଁ ମନ୍ଦିର ବାହାରେ ଅପେକ୍ଷା କରିଥିଲେ। ହେଲେ ଚୋର ଗ୍ରାମବାସୀଙ୍କ କୋପରୁ ରକ୍ଷା କରିବା ନିମନ୍ତେ ମନ୍ଦିରରେ ଶିବଙ୍କୁ ଆରାଧନା କରିଥିଲା। ଏଥିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ଅପେକ୍ଷାରତ ଗ୍ରାମବାସୀଙ୍କ ସମ୍ମୁଖରେ ସନ୍ନ୍ୟାସୀ ବେଶରେ ପ୍ରକଟ ହୋଇଥିଲେ। ଗ୍ରାମବାସୀଙ୍କୁକ୍ରୋଧର କାରଣ ପଚାରିବାରୁ ସେମାନେ ଚୋରି କଳା ବାଛୁରୀ ବିଷୟରେ କହିଥିଲେ। ଏହା ଶୁଣି ସନ୍ନ୍ୟାସୀ ମନ୍ଦିର ଭିତରକୁ ଯାଇ ଧଳା ବାଛୁରୀକୁ ଆଣିଥିଲେ। ଯଦ୍ଦ୍ୱାରା ଗ୍ରାମବାସୀ ମିଛୁଆ ସାବ୍ୟସ୍ତ ହୋଇ ଚୋରକୁ ଯିବା ପାଇଁ ବାଟ ଛାଡ଼ିଥିଲେ। ମହାଦେବ କଳା ବାଛୁରୀକୁ ଧଳା ବାଛୁରୀରେ ପରିଣତ କରିଥିଲେ। ସେଥିପାଇଁ ଧବଳେଶ୍ୱର ନାମକରଣ ହୋଇଥିବା କୁହାଯାଉଛି।କେମିତି ଯିବେ : ଭୁବନେଶ୍ୱରରୁ ବାରଙ୍ଗ, ନରାଜ ଓ ବିଡ଼ାନାସୀ ଦେଇ କିମ୍ବା ଚୌଦ୍ୱାର ଦେଇ ଏହି ପୀଠକୁ ଯାଇହେବ। ରାଜଧାନୀରୁ ଏହି ପୀଠର ଦୂରତା ୫୨ କିମି ହୋଇଥିବାବେଳେ କଟକରୁ ୨୭ କିମି। ମନ୍ଦିରକୁ ମହାନଦୀ ଘେରି ରହିଥିବାରୁ ଏହାକୁ ଧବଳେଶ୍ୱର ଦ୍ୱୀପ ବୋଲି ମଧ୍ୟ କୁହାଯାଏ। ୫ବର୍ଷ ପୂର୍ବେ ଲୋକେ ଏଠାକୁ ଡଙ୍ଗା ଦ୍ୱାରା ଯାଉଥିଲେ। କିନ୍ତୁ ବହୁ ସମୟରେ ଦୁର୍ଘଟଣା ଘଟିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିକୁ ଆଠଗଡ଼ପଟୁ ପାଦଚଲା ଝୁଲନ୍ତା ପୋଲ ନିର୍ମାଣ କରାଯାଇଛି। ମନ୍ଦିରରେ ପହଞ୍ଚିବାକୁ ହେଲେ ଗମନାଗମନର ସାଧନ ଭାବେ ମୁଖ୍ୟତ୍ୟ ଡଙ୍ଗା କିମ୍ବା ଝୁଲାପୋଲକୁ ବ୍ୟବହାର କରାଯାଏ। ଏହା ଓଡ଼ିଶାରେ ଦୀର୍ଘତମ ଓ ପ୍ରଥମ ଝୁଲାପୋଲ ଭାବେ ପରିଚିତ। ଏହି ଶୈବପୀଠକୁ ଯିବାର ପ୍ରକୃଷ୍ଟ ସମୟ ହେଉଛି ମେଘୁଆ ପାଗ କିମ୍ବା ଶୀତଋତୁ। ଅନୁକୂଳ ପାଗରେ ଗଲେ ସେଠାକାର ପରିବେଶକୁ ମନ ଭରି ଉପଭୋଗ କରାଯାଇପାରିବ। ସେଠାରେ ନୌକା ବିହାରର ମଧ୍ୟ ସୁଯୋଗ ରହିଛି। ମହାନଦୀରେ ଛିଡ଼ା ହୋଇ ମନ୍ଦିରକୁ ଦେଖିବାର ଦୃଶ୍ୟ ଅତ୍ୟନ୍ତ ମନଲୋଭା। ରହଣି ଲାଗି ଏଠାରେ ପାନ୍ଥିକା ରହିଛି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ଟାଟା ଷ୍ଟିଲ ଯୋଡା ଠାରେ ବିଶ୍ୱ ମଧୁମେହ ଦିବସ ପାଳିତ

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଠାରେ ଟାଟା ଷ୍ଟିଲ ତରଫରୁ ମଧୁମେହ ରୋଗ ବିଷୟରେ ଜନ ସଚେତନତା ସୃଷ୍ଟି କରି ଟାଟା ଷ୍ଟିଲ ଗୁରୁବାର ଦିନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଗୁଡିକ ଟାଟା ମେନ ହସ୍ପିଟାଲ, ଯୋଡା, ଖଣ୍ଡବନ୍ଧ ଲୌହ ଖଣି, ଯୋଡା ଇଷ୍ଟ ଲୌହ ଖଣି, ବିଚ୍ଛକୁଣ୍ଡି ଓ ବାମେବାରି ଲୌହ ଖଣିଠାରେ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଆୟୋଜିତ ହୋଇଛି। ଟାଟା ମେନ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସୁଚିସ୍ମିତା ଦାସ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହୋଇଥିଲା ଓ ଏଥିରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଉତ୍ତମ ଖାଦ୍ୟଭାସ, ବ୍ୟାୟମ, ଯୋଗାଭାସ କରିବା ସହ, ଗୁଟକା ଓ ଧୂମ୍ରପାନ ନିଷେଧ ଆଦି ଉପରେ ଗୁରୁ ଦିଆଯାଇଥିଲା। ଦୈନନ୍ଦିନ କାର୍ଯ୍ୟଚାପ ରୁ ମୁକ୍ତ ରହି ନିୟମିତ ବ୍ୟାୟାମ ଓ ପରିଚର୍ଯ୍ୟାଓ ଦ୍ୱାରା କିପରି ନିଜକୁ ସୁସ୍ଥ ରଖି ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ କମ୍ପାନୀ ଓ କର୍ମଚାରୀମାନଙ୍କ ମିଳିତ ସହଯୋଗିତାରେ ଲୋକମାନଙ୍କୁ ମଧରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଦର୍ଶାଉଛି।

## ହାଟଡିହି ସମବାୟ ସେବା ସମିତି ଗୁଡ଼ିକ ରେ ସେବା ସପ୍ତାହ ପଳିତ

ହାଟଡିହି(ମହାଭାରତ): ଗୁରୁବାର ଦିନ ହାଟଡିହି ଅଞ୍ଚଳ ର ସମସ୍ତ ସମବାୟ ସେବା ସମିତି ଗୁଡ଼ିକ ରେ ସାତ ରଙ୍ଗି ପତାକା ଉତ୍ତୋଳନ କରି ସହ ଗଣ ଦୌଡ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଯେଉଁ ଗଣ ଦୌଡ ରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ।ଏହା ସହ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ରାକେଶ କୁମାର ରାମ, ଆନନ୍ଦପୁର ବ୍ଲକ ସଭାପତି, ଉପଖଣ୍ଡ ସ୍ତରୀୟ ସମବାୟ ସେବା ସମିତି ର ବ୍ୟାଙ୍କ୍ ଗୁଡ଼ିକ ର ଶାଖା ପରିଚାଳକ ମାନଙ୍କ ସହିତ ସମବାୟ ସେବା ସମିତି ସମ୍ପାଦକ ମାନେ ମଧ ଯୋଗ ଦେଇଥିଲେ। ସେହି ପରି ହାଟଡିହି ବ୍ଲକ ରେ ଥିବା ସମବାୟ ସେବା ସମିତି ଗୁଡ଼ିକ ମଧରେ ପଞ୍ଚୁଗୋଛିଆ ସମିତି, ସାସଙ୍ଗ, ହାଟଡିହି, ସୁଲଣ, ଆମ୍ଭୋ, ଓରାଳି, ଗେଡମା, ଡଆଁର, କଲିଙ୍ଗା, ସଢା, ଢେଙ୍କା, ବଙ୍ଗୋର୍, ବଡ ରଂପାସ୍, ମରେଗାଁ, ସମଣା, ସୋସ ଆଦି ସ୍ଥାନ ରେ ସମିତି ସମ୍ପାଦକ ମାନଙ୍କ ସହ ବୋର୍ଡ ସଭାପତି ଓ ଡିଇ ଓ ମାନେ ଯୋଗ ଦେଇ ଖୁବ୍ ଆଡମ୍ବର ସହକାରେ ସେବା ସପ୍ତାହ ର ପତାକା ଉତ୍ତୋଳନ କରିଛନ୍ତି।

## କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ

କଣିହାଁ(ମହାଭାରତ): କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତିର ୨୩ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଅଧକ୍ଷତା କରିଥିଲେ ।ଏଥିରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ସୁମନ୍ତ ପଟେଲ ଆର୍ଥିକ ବର୍ଷ ୨୦୨୪-୨୫ର ବ୍ୟୟ ଅଟକଳ ବିବରଣୀ ଓ ଆବଶ୍ୟକ ଭିତ୍ତିଭୂମି ବିଷୟରେ ଉପସ୍ଥାପନା କରିଥିଲେ। ବିପିଏମ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, , ଡାକ୍ତର ରାକେଶ ମହାରଣା, ଏମସିଏଲ କଣିହାଁର ଏଏମଓ ଡାକ୍ତର ଏମ ଏଫ ଆଲମ, ନମିତା ପ୍ରଧାନ ସୁନୀଲ କୁମାର ପ୍ରଧାନ, ଜିତେନ୍ଦ୍ରୀୟ ସାହୁ ସତ୍ୟାନନ୍ଦ ସାହୁ, ଦେବେନ୍ଦ୍ର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଡାକ୍ତରଖାନାର ନୂତନ ଜମି ଅଧିଗ୍ରହଣ କରାଯାଇ ପଟା କରାଯିବା, ଶବ ସଂରକ୍ଷଣ ଗୃହ ନିର୍ମାଣ କରାଯିବା, ଷ୍ଟାଫ କ୍ୱାର୍ଟର, ଆଶାଗୃହ, ଏମସିଏଲ କଣିହାଁ ତରଫରୁ ରୋଗୀଙ୍କ ବିଭିନ୍ନ ପରୀକ୍ଷା ପାଇଁ ଏକ୍ସରେ, ଅଲ୍ଟ୍ରାସାଉଣ୍ଡ, ହାଇଡ୍ରୋଲିକ ବେଡ, ଆଇପିଡି ନିମନ୍ତେ ଏସି, ଡାକ୍ତରଖାନା ପରିସରରେ ସୋଲାର ଲାଇଟ ବ୍ୟବସ୍ଥା କରିବା, ଏକ ନୂତନ ଆହାର କେନ୍ଦ୍ର ବ୍ୟବସ୍ଥା କରାଯିବା, ବାୟୋମେଟ୍ରିକ ଦ୍ୱାରା କର୍ମଚାରୀଙ୍କ ଉପସ୍ଥାନ ଦେବା ଇତ୍ୟାଦି ବିଷୟ ପ୍ରସ୍ତାବ ଆଗତ ହୋଇଥିଲା ।ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ସମସ୍ତ କର୍ମଚାରୀ ରୋଗୀଙ୍କୁ ହଇରାଣ ନକରି ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଭାରତୀୟ ବିଦ୍ୟା ନିକେତନରେ ଶିଶୁଦିବସ

ବେଗୁନିଆ : (ମହାଭାରତ) ଆଜି ପବିତ୍ର ଶିଶୁ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଅଛି । ଏହି ଦିବସରେ ଶିଶୁ ମାନଙ୍କୁ ଉତ୍ସାହିତ କରିବାପାଇଁ କନିଷ୍ଠ ଓ ବରିଷ୍ଠ ବିଭାଗର ଶିଶୁ ଭାଇ ଭଉଣୀମାନଙ୍କୁ ନେଇ ଚିତ୍ରାଙ୍କନ ଏବଂ ଶିଶୁ ବାଟିକାର ଶିଶୁ ମାନଙ୍କୁ ନେଇ ବିଭିନ୍ନ ଦେବା ଦେବୀଙ୍କ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁଦିବସ ସମ୍ବନ୍ଧରେ ପିଲା ମାନଙ୍କ ମଧରେ ଏକ ବକ୍ତୃତା ପ୍ରତିଯୋଗିତା ମଧ କରାଯାଇଥିଲା । ଏହି ବିଦ୍ୟାଳୟର ୮୮ ଜଣ ଶିଶୁ ଭାଇ ଭଉଣୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଆଧାତ୍ମିକ ପ୍ରେମୀ, ପଞ୍ଚବଟୀ ରାମ ଚରିତ ମାନସ ପ୍ରଚାର ସମିତିର ମୁଖ୍ୟ ତଥା ସମାଜସେବୀ ଚିନ୍ତାମଣି ଲେଙ୍କା ଅଧୟନରତ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ହିତ ଉଦ୍ଦେଶ୍ୟରେ ଦିଗ ଦର୍ଶନ ଦେଇଥିଲେ । ତତ୍ପରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତା ରେ ବରିଷ୍ଠ, କନିଷ୍ଠ ଓ ଠାକୁର ଫଟୋ ପ୍ରଦର୍ଶନୀ ରେ ତିନି ଜଣ ଲେଖାଏଁ ୯ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଗତ ଅର୍ଦ୍ଧ ବାର୍ଷିକ ପରୀକ୍ଷା ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୭ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତି ନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମା ମାନେ ସଫଳ ରୂପାୟନ ରେ ସହଯୋଗ କରିଥିଲେ । ଏଭଳି ଆୟୋଜନକୁ ଅଭିଭାବକଙ୍କ ସହ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



## କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪

# ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦଘାଟିତ

ପାରାଦୀପ(ମହାଭାରତ): ଗୁରୁବାର ସଂନ୍ଧ୍ୟାରେ ପାରାଦୀପଠାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଳିଙ୍ଗ ନୌବାଣିଜ୍ୟିକ ପରମ୍ପରାର ଗୌରବ ବହନ କରୁଥିବା ଏହି ମହୋତ୍ସବକୁ ଉଦଘାଟନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟବକ୍ତା ଭାବେ ପାରାଦୀପ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ,ସାଂସଦ ବିଭୂପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ପୂର୍ବାଂଚଳ ଡି.ଆଇ.ଜି. ଚରଣସିଂ ମୀନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତି□ଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ଶାରଦା ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଉଦଯାପନୀ ସମାରୋହରରେ ପୌରହିତ୍ୟ କରିଥିଲେ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ଜେ.ସୋନାଲ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଅଧକ୍ଷ ନିରଂଜନ ବେହେରା । ଓଡିଶାର ଗର୍ବ ଗୌରବ ତଥା ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରାକୁ ଉଦଜ୍ଜୀବିତ କରିଥିବା ଏହି ମହାନ ଉତ୍ସବ ପ୍ରତିଟି ଓଡିଆଙ୍କ ପାଇଁ ଗର୍ବ ଓ ଗୌରବ ବହନ କରିଛି । ପାରାଦୀପ ଠାରେ ଏହି ମହୋତ୍ସବ



ପାଳନ କରାଯିବା ଖୁସିର କଥା ବୋଲି କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାର ପ୍ରତିଟି ଓଡିଆଙ୍କ ପାଇଁ କାମ କରୁଛି ଆଗାମୀ ଦିନରେ ରାଜୟର ବିକାଶ ସହିତ ପାରାଦୀପର ବିକାଶ କଥା ତାଙ୍କ ସରକାର ଚିନ୍ତା କରୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ କହିବା ଆଠ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ସଫଳତା କାମନା କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ଉଦଘାଟନୀ ସମାରୋହ ପରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକ୍ପ୍ଟର ଯୋଗେ ଆସି ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଓହ୍ଲାଇ ଥିଲେ । ସେଠାରୁ ଆସି ଭାରତରତ୍ନ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ରୋଡ ଶୋରେ ଯାଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ଉଦଘାଟନ କରିଥିଲେ ।

# ନୋଉର ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ

## ଚାଷୀଙ୍କ ନାଁରେ ଋଣ କରି କୋଟିଏ ଟଙ୍କା ଗାଏବ

ନୟାଗଡ଼, ( ମହାଭାରତ ) : ଇଟାମାଟି ଥାନା ଅଧୀନ ନୋ□ର ସମବାୟ ସମିତିର କରିତକର୍ମା ପୂର୍ବତନ ସମ୍ପାଦକ ଆଶିଷ କୁମାର ପ୍ରଧାନ (୩୩) କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ସମିତି ଅଧୀନରେ ଥିବା ୧୨୪ ଜଣ ଚାଷୀଙ୍କୁ ଚୂନ ଲଗାଇ ସେମାନଙ୍କ ନାଁରେ ୧ କୋଟିରୁ ଉର୍ଦ୍ଧ ଟଙ୍କାର ଋଣ ଉଠାଇ ନୟାଗଡ଼ରୁ ଫେରାର ହୋଇଯାଇଥିଲା। ୨୦୨୨ରେ ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ ପୁଲିସ ତା'ର ଟେର୍ ପାଉନଥିଲାୟ ଚାଷୀ ମାନେ ସେତେବେଳେ ଏହାକୁ ନେଇ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଏସ୍ପି, କ୍ରାଇମବ୍ରା□ ଅର୍ଥନୈତିକ ଅପରାଧ ଶାଖା, ଭିଜିଲାନ୍ସ ସବୁଠି ଅଭିଯୋଗ କରିଛନ୍ତି। ତଥାପି ଆଶିଷ ସମ୍ପର୍କରେ କିଛି ବି ଟେର୍ ମିଳୁନଥିଲା। ଏସ୍ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରି ଆଶିଷକୁ ଗିରଫ କରିବାକୁ ଆଜି ସକ୍ଷମ ହୋଇଛି। ଏସଡିପିଓ ଶ୍ରୀ ଗାଙ୍ଗୋଇଙ୍କ ସୂଚନା ମୁତବାକ, ୨୦୧୬ ମସିହାରେ ଆଶିଷ ସମିତିର ସମ୍ପାଦକ ଦାୟିତ୍ୱ ନେଇଥିଲେ। ୨୦୨୨ ଡିସେମ୍ବର ୧୦ରେ ଉଦୟନାଥ ନାୟକ ଜଣେ ଚାଷୀ ଆଶିଷ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସେ ୨୦୧୭ ମସିହାରେ ସମିତିରୁ ୧୧ ହଜାର ଟଙ୍କା ଋଣ ନେଇଥିଲେ। ଏହାକୁ ସେ କିସ୍ତି ଆକାରରେ ଶୁଝି ମଧ ଦେଇଥିଲେୟ ତଥାପି ତାଙ୍କ ନାଁରେ ସମିତିରେ ଋଣ ଗଡୁଥିବା ସେ ଜାଣିବାକୁ ପାଇଥିଲେ। ଉଦୟନାଥଙ୍କ ପରି ଜଣକ ପରେ ଜଣେ ଚାଷୀ ଆଶିଷ ନାଁରେ ଥାନାରେ ଅଭିଯୋଗ ଆଣିଥିଲେୟ ଆଶିଷ ପ୍ରକୃତ ଚାଷୀ ମାନଙ୍କୁ ସମିତିରେ ସାମିଲ୍ କରିବା ପରିବର୍ତ୍ତେ ଚାଷ କାର୍ଯ୍ୟରେ ଆଦୌ ଜଡ଼ିତ ନଥିବା ଲୋକଙ୍କୁ ସାମିଲ୍ କରୁଥିଲା। ଚାଷୀଙ୍କ ପରିଚୟପତ୍ରକୁ ବ୍ୟବହାର କରି ସେମାନଙ୍କ ଅଜାଣତରେ କୋଟି କୋଟି ଟଙ୍କା ସେ ଠକି ନେଇଥିଲା ୧୨୪ ଜଣ ଚାଷୀ ଆଶିଷ ନାଁରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତରୁ ଏହି ଠକେଇର ପରିମାଣ ୧ କୋଟି ୧୪ ଲକ୍ଷ ୨୨ ହଜାର ୨୨୭ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଯେହେତୁ ଚାଷୀ ମାନଙ୍କ ନାଁରେ ୧ ଲକ୍ଷ ଟଙ୍କା ମଧରେ ଋଣ କରିବାର ନିୟମ ରହିଛି, ସେଥିଯୋଗୁ ସେ ବେଶ୍ ଚତୁରତାର ସହ ୯୯ ହଜାର ମଧରେ ଋଣ କରୁଥିଲା। ଏମିତିକି ତଦନ୍ତରୁ ଚାରି ଜଣ ମୃତ ଚାଷୀଙ୍କ ନାଁରେ ମଧ ଋଣ ଉଠିଥିବା ଜଣାପଡ଼ିଥିଲା। ମୃତ ବଂଶୀଧର ପ୍ରଧାନଙ୍କ ନାଁରେ ୯୯ ହଜାର ଟଙ୍କା, ଭିକାରି ମୁଦୁଲିଙ୍କ ନାଁରେ ୯୮ ହଜାର, ପଞ୍ଚୁ ମୁଦୁଲିଙ୍କ ନାଁରେ ୭୨ ହଜାର ଓ ବଂଶୀଧର ପ୍ରଧାନଙ୍କ ନାଁରେ ୯୬ ହଜାର ଟଙ୍କା ଋଣ ଉଠିଥିବା ଜଣାପଡ଼ିଥିଲା। ଥାନାରେ ମାମଲା ରୁଜୁ ହେବା ପରେ ଆଶିଷ ନୟାଗଡ଼ରୁ ଫେରାର ହୋଇଯାଇଥିଲା। ଭୁବନେଶ୍ୱର ରେ ସେ ରହୁଥିଲେ ମଧ ବାରମ୍ବାର ନିଜ ଠିକଣା ବଦଳାଇବାରେ ଲାଗିଥିଲା। ଫଳରେ ତାକୁ ଗିରଫ କରିବା ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି। ତଥାପି ଗତ ମଙ୍ଗଳବାର ଦିନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଇଟାମାଟି ଥାନା ପୁଲିସର ଏକ ଟିମ୍ ଭୁବନେଶ୍ୱରରୁ ତାକୁ ଗିରଫ କରିଛି। ଦୀର୍ଘ ଦୁଇ ବର୍ଷ ଧରି ପୁଲିସ। ସହ ଲୁଚକାଳି ଖେଳୁଥିବା ଆଶିଷର ଖେଳ ଶେଷ ହୋଇଛି।

## ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପୁଣ୍ୟ ତିଥିରେ ରକ୍ତଦାନ ଶିବିର





ପାରାଦୀପ(ମହାଭାରତ) ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୫ତମ ପୁଣ୍ୟତିଥିରେ ପାରାଦୀପର ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ପାରାଦୀପ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନା ଶିବିରକୁ ପାରାଦୀପର ନଗରପାଳ ବସ' ବିଶ୍ୱାଳ, ପାରାଦୀପ ବନ୍ଦର ଡି.ଟି.ଏମ୍. ଶ୍ରମନ ନାରାୟଣ ମିଶ୍ର, ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡ.ଅସିଫ, ସମାଜସେବୀ ହାରାମଣୀ ମହାପାତ୍ର, ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟର ମଖ୍ୟ ଉପଦେଷ୍ଟା ତଥା ପାରାଦୀପ ନିର୍ବଚାନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଂଜନ ନାୟକ ଯୋଗ ଦେଇଥିଲେ । ଏହି ଶିବିରରେ ଜିଲ୍ଲା କଂଗ୍ରେସ୍ ସଭାପତି ନଟବର ବାରିକ, ତିର୍ତ୍ତୋଲ ବିଧାନସଭା ବିଧାୟକ ପ୍ରାର୍ଥୀ ଇଂ.ହିମାଂଶୁ ମଲ୍ଲିକ୍, ପାରାଦୀପ ବନ୍ଦର ସୁପରିଟେଣ୍ଡିଙ୍ଗ ଇଂଜିନିୟର ସୁଶାନ୍ତ ସେଠୀ, ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଟୀ, ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରକୁ ଟ୍ରଷ୍ଟର ଅଧକ୍ଷ ସରୋଜ ପ୍ରଧାନ, ବିଜୟ ସେଠୀ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବିନୋଦ ପ୍ରଧାନ,.ଜଗନ୍ନାଥ ଶତପଥୀ,ସଂଘମିତ୍ରା ସ୍ୱାଇଁ, ବିନତୀ ପଢିହାରୀ, ଧରିତ୍ରୀ ସାମଲ,ପ୍ରେମଲତା ବାରିକ,ମମତା ଜେନା, ପୁଷ୍ପଲତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ସାପ କାମୁଡ଼ା ଏବଂ ବଜ୍ରାଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନବରଙ୍ଗପୁର (ମହାଭାରତ : ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁମ୍ଭାଗୁଡା ର ସମ୍ମିଳନୀ କକ୍ଷରେ ସାପ କାମୁଡ଼ା ଏବଂ ବଜ୍ରାଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁମ୍ଭାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ଆଶାକର୍ମୀ ଙ୍କୁ ଜିଲ୍ଲା ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି, ବିଭିନ୍ନ ସମୟରେ ସାପ କାମୁଡ଼ାରେ ଆହତ ବ୍ୟକ୍ତିଙ୍କୁ ଲୋକ ମାନେ ସ୍ଥାନୀୟ ଚିକିତ୍ସାଳୟ କୁ ନେବା ବଦଳରେ ,ଗୁଣି ଗାରେଡ଼ି ଜରିଆରେ ଚିକିତ୍ସା କରନ୍ତି । ଯଦ୍ୱାରା କି ବିଭିନ୍ନ ସମୟରେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁ ମୁଖର ସମ୍ମୁଖୀନ ହୁଅନ୍ତି । ସାପ କାମୁଡ଼ିବା ସମୟରେ ତୁରନ୍ତ ଚିକିତ୍ସାଳୟ ଏବଂ ଉପଯୁକ୍ତ ପ୍ରାଥମିକ ଚିକିତ୍ସା ର ନିର୍ଦ୍ଦେଶାବଳୀ ଅନୁସରଣ କରିବା ଏବଂ ବିପଦପୂର୍ଣ୍ଣ ପରିସ୍ଥିତି କୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିବା ଆଶା କର୍ମୀ ମାନଙ୍କୁ ତାଲିମ ଦେଇଥିଲେ । ସେହିପରି, ବଜ୍ରପାତ ଏକ ସ୍ଥାନୀୟ ପ୍ରାକୃତିକ ବିପର୍ଯ୍ୟୟ ଘଟଣା ।

## ହିନ୍ଦୋଳ ବନଖଣ୍ଡ ସୀମାକୁ ହାତୀ ଘଉଡାଇବା ନେଇ ମୁହାଁ ମୁହିଁ ଅନୁଗୋଳ ବନବିଭାଗ ଓ ସ୍ଥାନୀୟ ଲୋକେ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ବନଖଣ୍ଡ ସୀମାକୁ ହାତୀ ପଲ୍ ଘଉଡାଇବା ନେଇ ବାଦିବାହାଳ ସ୍ଥାନୀୟ ଗ୍ରାମବାସୀ ଓ ଅନୁଗୋଳ ବନ୍ କର୍ମଚାରୀ ଙ୍କ ଭିତରେ ହୋଇଚି ଯୁକ୍ତିତର୍କୟସୂଚନା ଅନୁଯାୟୀ ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ ବାଦି ବାହାଳ ଗ୍ରାମ ଯାହା ଢ଼େଙ୍କାନାଳ ଓ ଅନୁଗୁଳ ସୀମା ରେ ରହିଚି ।ଗତକାଲି ଅନୁଗୁଳ ଜିଲ୍ଲା ର ବନ କର୍ମଚାରୀ ୩୫ ଟି କିଆ ହାତୀପଲ କୁ ଅନୁଗୁଳ ରୁ ଘଉଡାଇ ଆଣି ଢ଼େଙ୍କାନାଳ ସୀମାନ୍ତ ରେ ପୁରାଇ ବା ପାଇଁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ଏହା କୁ ପ୍ରତିବାଦ କରିଥିଲେ ।ସ୍ଥାନୀୟ ଲୋକ ଙ୍କ ଚାଷ ଉଜୁଡ଼ି ବା ସହିତ ହାତୀପଲ ଗ୍ରାମ ରେ ଘର୍ ଭଙ୍ଗୁ ଥିବାରୁ ଗ୍ରାମ ବାସି ଏହାକୁ ବିରୋଧ କରିଛନ୍ତି ।ଗୋଟିଏ ପଟେ ଢ଼େଙ୍କାନାଳ ଜିଲ୍ଲା ରେ ଥିବା ହାତୀ ପଲ୍ କୁ ଗ୍ରାମବାସୀ ଅନିଦ୍ରା ହୋଇ ରାତି ତମାମ ଜଗୁ ଥିବା ବେଳେ ଅନ୍ୟପଟେ ଅନୁଗୁଳ ହାତୀପଲ ଙ୍କୁ ଘଉଡାଇ ଆଣି ଢ଼େଙ୍କାନାଳ ଜିଲ୍ଲା ରେ ଭର୍ତ୍ତି କରିବା ନେଇ କିଛି ସମୟ ଉତେଜନା ଦେଖା ଦେଇଥିଲା ।ଏପରିକି ଅନୁଗୁଳ ର ବନ୍ କର୍ମଚାରୀ ହାତୀ ପଲ୍ ଙ୍କୁ ଢ଼େଙ୍କାନାଳ ଭିତରକୁ ଘଉଡାଇବା ପାଇଁ ବ୍ୟବହାର କରୁଥିବା ରାପିଡ ରେସ୍କୁ ଟିମ୍ ଗାଡ଼ି କୁ ହାତୀ ପଲ୍ ଙ୍କ ପଛ ରେ ପିଟି ପିଟି ହାତୀ ପଲ୍ ଙ୍କୁ ଢ଼େଙ୍କାନାଳ ସୀମା ରେ ଯୋର୍ ଜବରଦସ୍ତ ଭର୍ତ୍ତି କରୁଥିବା ଘଟଣା ପଦାକୁ ଆସିଛି ।ବ୍ୟବହାର କରୁଥିବା ଗାଡ଼ି ରେ ହାତୀପଲ ଙ୍କୁ ପଛରୁ ପିଟି ବା ଅତ୍ୟନ୍ତ ଦୁଃଖଦ ଘଟଣା ଯାହା ସ୍ଥାନୀୟ ଲୋକେ ପ୍ରତିବାଦ କରୁଛନ୍ତି।

# ଡ଼ିସେମ୍ବର ୧ ରୁ ୧୧ ମୟୂରଭଞ୍ଜ ମହୋତ୍ସବ

ଭୁବନେଶ୍ୱର(ମହାଭାରତ): ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୁରଭଞ୍ଜ ମହୋତ୍ସବ । ୭ମ ବର୍ଷରେ ପଦାର୍ପଣ କରିଛି ମୟୁରଭଞ୍ଜ ମହୋତ୍ସବ । ପ୍ରତିବର୍ଷ ଭଳି କାର୍ଯ୍ୟକ୍ରମ ର ପ୍ରଥମ ଦିନରେ ଜିଲ୍ଲାର ମୁଖ୍ୟତଃ ଆଦିବାସୀ ଓ ଅନ୍ୟାନ୍ୟ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ବାରିପଦା ସ୍ଥିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ ଓଡ଼ିଶାର ସର୍ବବୃହତ ସାଂସ୍କୃତିକ ଶୋଭାଯାତ୍ରା (କାରନିଭାଲ ସୋ) । ଡିସେମ୍ବର ୦୨ ତାରିଖରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ପ୍ରତିଦିନ ସନ୍ଧ୍ୟା ପ୍ରଥମାର୍ଦ୍ଧରେ ଜିଲ୍ଲା କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ,ତାପରେ ହେବ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବଲିଉଡ୍ ସୁନାମ ଧନ୍ୟ ଗାୟିକା କବିତା କୃଷ୍ଣମୂର୍ତ୍ତି ଶେଷ ଦିନରେ ଧମକା ମଚାଇବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି। ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ଅବା ଭୁଲିବ କିଭଳି ଏହି ମୟୂରଭଞ୍ଜ ମହୋତ୍ସବ । ଏଥିପାଇଁ ଚଳିତ ବର୍ଷ ମଧ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କାରିବାକୁ ନିଷ୍ପତି ନିଆଯାଇଛି । ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି(ମହାନ୍ତ)କାର୍ଯ୍ୟକ୍ରମ ମଧ କରିବାକୁ ନିଷ୍ପତ୍ତି ହୋଇଛି ।ବାକି ଦୁଇ ଦିନ ବଲିଉଡ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି, ବିଶେଷ ଭାବେ ସୁଦୂର ଆସାମ ପ୍ରଦେଶ ର ବିହୁ କଳାକାର ମାନେ ମଧ ନୃତ୍ୟ ପରିବେଷଣ କରିବେ । ଏହି ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ,ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ, ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇ ପାରିବେ ଦର୍ଶକ । ୨୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସେଲ୍ଫି ଜୋନର ବ୍ୟବସ୍ଥା କରାଯିବ ମହୋତ୍ସବରେ । ଗତ ବର୍ଷ ଭଳି ଚଳିତ ବର୍ଷ ମଧ ମୟୁରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ କରିବାକୁ ପ୍ରସ୍ତୁତ ହେଉଛି ଆୟୋଜକ କମିଟି ତାସହିତ ନୂତନ ଭାବେ ଚଳିତବର୍ଷ ଠାରୁ ପ୍ରଥମଥର ଭାବେ ମହୋତ୍ସବ କମିଟୀ ପକ୍ଷରୁ ଉପଯୁକ୍ତ ଅର୍ଥ ଆକାରରେ ପୁରସ୍କାର ରାଶୀ ସହିତ ଜିଲ୍ଲା ସ୍ତରୀୟ ଫୁଟବଲ, ତୀରବିନ୍ଧା ସହିତ ମୟୁରଭଞ୍ଜ ସମ୍ପର୍କିତ ବିଷୟବସ୍ତୁକୁ ନେଇ ରିଲସ ପ୍ରତିଯୋଗୀତା ଅନୁଷ୍ଠିତ ହେବ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ରାଜତନ୍ତ୍ର ସମୟର ଗୁରୁତ୍ୱ ବହନ କରିଆସୁଥିବା ତଥା ଇତିହାସକାର ମାନଙ୍କ ମତ ଅନୁଯାୟୀ ଏକ ଶହ ବର୍ଷରୁ ଉର୍ଧ୍ୱ ହେବ ପଙ୍କୁଆ ମାଟି ତଳୁ ବାହାରିଥିବା ଶିବଲିଙ୍ଗ କୁ ନେଇ ଏକ ପିତଳ ପ୍ଲେଟ ଉପରେ ନିର୍ମାଣ ହୋଇଥିବା ବିରଳ କଳାକୃତି ନିର୍ମାଣ ଶୈଳୀ ରେ ନିର୍ମିତ ବାବା ବାରୁଣେଶ୍ୱର ଶିବ ମନ୍ଦିର ର ତୋରଣ ମୟୂରଭଞ୍ଜ ମହୋତ୍ସବ ର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ବାରିପଦା ଭଳି ଜନ ବହୁଳ ଜାଗାରେ ଆଜି ଭି ମନ୍ଦିର ବେଢା ମଧରେ ଏକ କୁଣ୍ଡ ଅଛି। ଏହି କୁଣ୍ଡ ବର୍ଷ ଯାକ ପାଣି ଶୁଖେ ନାହିଁ ଓ ବୃଷଭ ଆକୃତି ମୁହଁରୁ ବର୍ଷ ତମାମ ଜଳ ପଡୁଥାଏ। କିଛି ଐତିହାସିକ ଙ୍କ ମତରେ ପୁରାଣ କାଳରୁ ବାରିପଦା ସହର ଠାରୁ ବହୁ ଦୂର ଅର୍ଥାତ ଉଦଳା ଉପଖଣ୍ଡ ସ୍ଥିତ ଶିମିଳିପାଳ ପାହାଡ଼ ଉପରେ ଥିବା ଦେବକୁଣ୍ଡ ସ୍ଥିତ ମାଆ ଅମ୍ବିକା ଙ୍କ ପୀଠରୁ ବହି ଆସୁଥିବା ଏକ ପାଣିର ଝର ମାଟି ତଳେ ବହି ଆସି ଏଠାରେ ଦୃଶ୍ୟମାନ ହୋଇଥାଏ ବୋଲି ମୟୁରଭଞ୍ଜ ମହୋତ୍ସବ କମିଟୀ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ମୁହାଁ ମୁହିଁ ଧକ୍କା ହେଇ ଉଭୟ ବାଇକ ଚାଳକ ଗୁରୁତର

ଥୁଆମୂଳ ରାମପୁର (ମହାଭାରତ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରମା ମାଣିକେଶ୍ୱରୀ କଲେଜ ଛକ ନିକଟରେ ଜଣେ ଯୁବକ କଲେଜ ରୁ କ୍ଲାସ ସାରି ଫେରୁଥିବା ସମୟରେ ଏକ ବାଇକ ସହିତ ମୁହାଁ ମୁହିଁ ଧକ୍କା ହେବା ଫଳରେ ଯୁବକ ଟି ଗୁରୁତର ଅବସ୍ଥାରେ ପଡି ରହିଥିଲେ । ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ପହଂଚି ସଙ୍ଗେ ସଙ୍ଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସୂଚନା ଅନୁସାରେ ଯୁବକ ଟି ଥୁଆମୂଳ ରାମପୁର ବ୍ଲକ ଅଧିନସ୍ଥ ଚିରକେଲଗୁଡା ଗ୍ରାମର ବିବେକାନନ୍ଦ ମାଝୀ (୧୮), ପି ଗୁରୁବାରୁ ମାଝୀ ବୋଲି ଜଣା ପଡିଛି। ଅନ୍ୟ ଏକ ବାଇକ ଟି କାଶୀପୁର ଅଧିନସ୍ଥ ପୁକିଜାଲ ଗ୍ରାମର ବୋଲି ଜଣା ପଡିଛି ।

## ରକ୍ତ ବିନ୍ଦୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୧୦୨ ୟୁନିଟ ରକ୍ତ ସଂଗ୍ରହ

ଅନୁଗୋଳ,(ମହାଭାରତ):ଅନୁଗୋଳ ବ୍ଲକ ବାରଗୌଣିଆ ପ□ାୟତର ବନ୍ଧାଣପଶି ଗ୍ରାମରେ ଆଜି ସକାଳ ୮ ଘଟିକା ସମୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ଏକ ମହତ ଦାନ ଏବଂ ରକ୍ତଦାନ କରିବା ଦ୍ୱାରା ଅନ୍ୟକୁ ଜୀବନ ପ୍ରଦାନ କରିବା ସହିତ ନିଜର ସ୍ୱାସ୍ଥ୍ୟ ସୁସ୍ଥ ରହିଥାଏ ବୋଲି କହିଥିଲେ । ଏହି ରକ୍ତ ବିନ୍ଦୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ସର୍ବମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା । ଅନୁଗୋଳ ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରଯାଇଥିଲା । ଏସ କେ ଏସ କ୍ଲବ ଦ୍ୱାରା ଆୟୋଜିତ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ କ୍ଲବର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆମେରିକୀୟ ଦମ୍ପତି

ଗଜପତି(ମହାଭାରତ):ଆଜି ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୬୦ ଏବଂ ୬୧ତମ ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ସୁଦୂର ଆମେରିକା ଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଦୁଇ ଶିଶୁପୁତ୍ରଙ୍କୁ , ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନ, ଗୁମ୍ମା ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲାୟ ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା। ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବେ। ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲାୟପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ତିନି ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଆମେରିକା ଦେଶର ଏକ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତ୍ତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ।

## ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ

ବେଗୁନିଆ,(ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ତ୍ୱତାବଧାନରେ ବେଗୁନିଆ ଅବକାରୀ ବିଭାଗ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ହଜାର ଲିଟର ପୋଚ, ୬୮୦ ଲିଟର ଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି । ବେଗୁନିଆ ଅବକାରୀ ବିଭାଗ ଉପ ନିରିକ୍ଷିକା ସ୍ମିତା ପଣ୍ଡାଙ୍କ ସୂଚନା ଅନୁଯାୟୀ ବୋଲଗଡ ଥାନା ଅନ୍ତର୍ଗତ ଅସରଳା ଗ୍ରାମରୁ ୫ ହଜାର ଲିଟର ପୋଚ ଓ ୬ ଶହ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରି ପୁଲିସ ନଷ୍ଟ କରିଛି। ଜଙ୍କିଆ ଥାନା ଅନ୍ତର୍ଗତ କଲରାଝର ଗ୍ରାମର ବିକ୍ରମ ଜୟସିଂହ ୮୦ ଲିଟର ଦେଶୀ ମଦ ପ୍ରସ୍ତୁତ କରୁଥିବା ବେଳେ ଅତର୍କିତ ଭାବେ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏଥିରେ ସହକାରୀ ଉପନୀରିକ୍ଷକ ବିରଂଚି ନାରାୟଣ ମହାନ୍ତି ସିପାହୀ ବିକାଶ ଚନ୍ଦ୍ର ରାଉତ ଓ ମନୋଜ କୁମାର ଜୟସିଂହ, ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ବାଇକ ଆରୋହୀଙ୍କୁ ଚପି ଦେଲା ଟ୍ରକ୍

## କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ



ପରଜଙ୍ଗ,(ପରଜଙ୍ଗ): ପରଜଙ୍ଗ ଥାନା ୫୩ ନମ୍ବର ଜାତୀୟ ରାଜପଥର ପିତିରି ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ପରଜଙ୍ଗ ଥାନା ଖାଲପାଳ ଗାଁର ଭୋଳେଶ୍ୱର ନାଏକ(୪୦)ୟ ଭୋଳେଶ୍ର ନିଜ ବାଇକ ଯୋଗେ ଘରୁ ପିତିରି ଛକ ଆଡକୁ ଯାଉଥିବା ବେଳେ ଏକ ଆଇରନ ବୋଝେଇ ଟ୍ରକ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ତେବେ ଘଟଣା ସ୍ଥଳରେ ହିଁ ଭୋଳେଶ୍ୱରଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିଥିଲେ। ଫଳରେ ପ୍ରାୟ ୬ ଘଣ୍ଟା ଧରି ପିତିରି -ଢୁବୁରୀ ୫୩ ନଂ ଏବଂ ପିତିରି - ଖମାର ୧୪୯ ନଂ ଜାତୀୟ ରାଜପଥ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଥିଲା । ଖବର ପାଇ ଘଟଣା ସ୍ଥଳରେ ପରଜଙ୍ଗ ପୁଲିସ ପହ□ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ଯୋଗାଇ ଦେବାକୁ ଅଡି ବସିଥିଲେ । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ଏହିଭଳି ଦୁର୍ଘଟଣା ଦୈନନ୍ଦିନ ଘଟୁଛିୟ ଠିକା ସଂସ୍ଥା ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଥିବା ବେଳେ ଠିକା ସଂସ୍ଥାର କର୍ତୃପକ୍ଷ ଘଟଣା ସ୍ଥଳକୁ ଆସିବା ପରେ ସ୍ଥାନୀୟ ସରପଞ୍ଚ ଙ୍କ ଉପସ୍ଥିତିରେ ୧.୮୦ ଲକ୍ଷ ଟଙ୍କା କ୍ଷତିପୂର ଦେବା ପରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା।ପରେ ପୁଲିସ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ ଜାରିଇଛି।

## ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବା କମିଟି ବୈଠକ



କୋରାପୁଟ:(ମହାଭାରତ) କୋରାପୁଟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଠାରେ ଜିଲ୍ଲାସ୍ତରୀୟ ଲୋକ ଉତ୍ସବ ପରବ ୨୦୨୪ ସୁପରିଚାଳନା ପାଇଁ ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ପରବ ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବ କମିଟି ସଭାପତି ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଯାଇଛ। ଓରମାସ ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋସନ କୁମାର କାର୍ତ୍ତିକ ଯୋଗଦେଇ ପୂର୍ବ ବର୍ଷରେ କେତୋଟି ଷ୍ଟଲ ଖୋଲା ଯାଇଥିଲା ଏବଂ କିପରି ପରିଚାଳନା କରାଯାଇଥିଲା ତାହାକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।ଚଳିତ ବର୍ଷ କିଛି ଅଧିକା ଷ୍ଟଲ ଖୋଲା ଯିବା ନିମନ୍ତେ କମିଟିରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସ୍ଥାନୀୟ କଳାକାର ମାନଙ୍କୁ ଚଳିତ ବର୍ଷ ମୁଖ୍ୟ ଉତ୍ସବରେ ଉଦ୍ଘୋଷକ୍ ଭାବେ ଚୟନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲାୟବୈଠକରେ ଯାହା ଯାହା ନିଷ୍ପତ୍ତି ନିଆଯାଇଛି ତାହାକୁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ଭି କୀର୍ତ୍ତି ୱାସନଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର,ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଡେପୁଟି କଲେକ୍ଟର ଦେବେନ୍ଦ୍ର କୁମାର ରାଉତ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଜିଲ୍ଲା ପରିଷଦ ଅଧିକାରୀ ହିମାଂଶୁ ଭୂଷଣ ଶତପଥିଙ୍କ ସହ ଅନ୍ୟାନ୍ୟ କମିଟି ସଦସ୍ୟ ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ।

## ୩୩ ତମ ମଣ୍ଡଳ ସ୍ତରୀୟ ବାଳବୈଜ୍ଞାନିକ ମେଳା ଅନୁଷ୍ଠିତ



ଅସ୍ତରଙ୍ଗ(ମହାଭାରତ): ୩୩ ତମ ମଣ୍ଡଳ ସ୍ତରୀୟ ବିଜ୍ଞାନ ପଦର୍ଶନି ତଥା ବାଲବୈଜ୍ଞାନିକ ଉତ୍ସବ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ହାଇସ୍କୁଲ ପରିସରରେ ରେ ଅନୁଷ୍ଠିତ ହୋଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମହାସଚିବ ମଙ୍ଗୁଳି ଚରଣ ଦାସ, ସଭାପତି ବିପିନ କୁମର ମହାନ୍ତି, ସଂପାଦକ ନିରଂଜନ ବେହେରା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ପ୍ରିୟବ୍ରତ ପରିଡା,ସଂପାଦକ ସନ୍ତୋଷ ଦାସ, ଶିକ୍ଷକ ରବୀନ୍ଦ୍ର କୁମାର ପରିଡା, ତରୁଣ କୁମାର ନାୟକ, ଭାସ୍କର ନାୟକ, ଆଲୋକ ଲେଙ୍କା ଓ ବିଜ୍ଞାନ ଶିକ୍ଷକ ଲିଙ୍ଗରାଜ ପରିଡା ଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା କୁ ସୁଚାରୁ ରୂପେ ଅନୁଷ୍ଠିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଖାଦ୍ୟ, ଜୀବନ ସୁରକ୍ଷା, ଉନ୍ନତ କୃଷି, ଗର୍ଭବତୀ ମହିଳା ଙ୍କ ଉନ୍ନୀତ ସୁରକ୍ଷା, ପରିବେଶ ସୁରକ୍ଷା, ଗଣିତ ଓ ବିଜ୍ଞାନ ର ବିଭିନ୍ନ ଅଂଶବିଶେଷ କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହି ବିଜ୍ଞାନ ମେଳା ରେ ରାଇକଣା ବିଦ୍ୟାଳୟ ମଧୁସ୍ମିତା ନାୟକ ମାଣ୍ଡିଆ ଖାଦ୍ୟ ଉପକାରିତା କୁ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ଦ୍ୱିତୀୟ ରେ ଜୀବନ ସୁରକ୍ଷା ଷ୍ଟିକ ପ୍ରୋଜେକ୍ଟ ରେ ସୁରେନ୍ଦ୍ର ନାଥ ବିଦ୍ୟାଳୟ ର ପାର୍ଥ ସାରଥୀ ବିଶ୍ୱାଳ, ୩ୟ ସ୍ଥାନ ରେ ଉନ୍ନତ କୃଷି ରେ ବନ୍ତିଲୋ ର ଅଦିତି ସାହୁ ହୋଇଥିବା ବେଳେ ୪ର୍ଥ ଦେବସ୍ମିତା ବାରିକ, ୫ମ ରୁପାଲୀ ପ୍ରିୟଦର୍ଶନୀ ବାରିକ, ୬ଷ୍ଠ ଜୟଜ୍ୟୋତି ଜେନା, ୭ମ ବିଶ୍ୱଜିତ ବସ୍ତିଆ ଅସ୍ତରଙ୍ଗ ଉଚ୍ଚବିଦ୍ୟାଳୟ ରୁ ସ୍ଥାନ ଅଧିକାର କରିଛନ୍ତି, ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ରେ ମୁଖ୍ୟ ଅତୀଥି ରୂପେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡି, ମୁଖ୍ୟ ବକ୍ତା ନୂଆଦିଲ୍ଲୀ ର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ଜେନା, ସମ୍ମାନିତ ଅତୀଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହ ମଣ୍ଡଳ ଶିକ୍ଷା ଅଧିକରୀ ଶ୍ରୀମତୀ ସୁଧାଂଶୁ ବାଳା ଶତପଥୀ ଯୋଗଦେଇଥିଲେ। ଏହି ମହୋତ୍ସବ କୁ ଅର୍ଜିତ ଦିବ୍ୟଦର୍ଶନ ଦାସ, ଶୁଭମ ସାହୁ ଏହି ବିଜ୍ଞାନ ମେଳା କୁ ଉଦ୍ଘାଟନ କରିଛନ୍ତି,ଏହି ବାଲବିଜ୍ଞାନ ମେଳା ରେ ଅସ୍ତରଙ୍ଗ ମଣ୍ଡଳ ରୁ ହାରାହାରି ୭୦ ଟି ବିଦ୍ୟାଳୟ ରୁ ୯୧ ଟି ପ୍ରୋଜେକ୍ଟ ସ୍ଥାନ ପାଇଥିଲେ, ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ରେ କୃର୍ତୀ ଛାତ୍ରଛାତ୍ରୀ ଆଗାମୀ ଦିନ ରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ରେ ନିୟୋଜିତ ହେବେ ବୋଲି ପ୍ରଧାନଶିକ୍ଷକ ତଥା ସଭାପତି ସୁଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି ।

## ଶିଶୁଦିବସ ଅବସରରେ କଣ୍ଢେଇ ମେଳା ଓ ବାଲ ବିଜ୍ଞାନ ମେଳା ଅନୁଷ୍ଠିତ

ଆସିକା (ମହାଭାରତ): ଶିଶୁଦିବସ ଅବସରରେ କଣ୍ଢେଇ ମେଳା ଓ ବାଲ ବିଜ୍ଞାନ ମେଳା ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।ଏହି ମେଳାରେ ପ୍ରାରମ୍ଭ ଶ୍ରେଣୀ ଠାରୁ ଚତୁର୍ଥ ଶ୍ରେଣୀର ଶିଶୁ ମାନେ ତିନୋଟି ବର୍ଗରେ କଣ୍ଢେଇ ମେଳାରେ ଭଗନେଇ ଥିଲା ବେଳେ ପଞ୍ଚମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀର ଶିଶୁ ମାନେ ମଧ୍ୟ ତିନୋଟି ବର୍ଗରେ ବିଜ୍ଞାନ ମେଳାରେ ଭାଗ ନେଇଥିଲେ। କଣ୍ଢେଇ ମେଳାରେ ମୋଟ ୭୧ଟି କଣ୍ଢେଇ ପ୍ରଦର୍ଶିତ ହୋଇଥିଲା। ଏହି କଣ୍ଢେଇ ମେଳାରେ ସର୍ବକନିଷ୍ଠ ବର୍ଗରୁ ଅମିତ ପାତ୍ର,ଏ ଜାନବି ଆଚାରୀ, ଶ୍ରୀୟାଂଶୁ ପୋଲାଇ,କନିଷ୍ଠ ବର୍ଗରୁଜଗନ୍ନାଥ ବେହେରା, ସ୍ମିତା ରାଉତ, ପି. ଦିପକ ପାତ୍ର, ବରିଷ୍ଠ ବର୍ଗରୁ ଏ ଅକ୍ଷିତା ଆଚାରୀ, ସାଇରମ ମୁନି, ରିୟା ରାଉତ, ସେହିପରି ବାଲ ବିଜ୍ଞାନ ମେଳାରେ ମୋଟ ୮୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ସର୍ବକନିଷ୍ଠ ବର୍ଗରୁ ଅଂଶୁମାନ ହୋତା, ଜ୍ୟୋର୍ତିମୟୀ ମିଶ୍ର, ଆଦି ଦେବ ନାହାକ ଆଦ୍ୟା ପାଣିଗ୍ରାହୀ, ଧୀରେସ ସାହୁ , କନିଷ୍ଠ ବର୍ଗରୁ ଉର୍ଜାରାଣୀ ପୋଲାଇ, ପି.ପ୍ରିୟାଂଶୁ ପାତ୍ର, ଶୈଳେଶ କୁମାର ତ୍ରିପାଠୀ , ବରିଷ୍ଠ ବର୍ଗରୁ ଶୁଭମ ବେହେରା,




ସନ୍ତୋଷିନୀ ମହାରଣା, ସୁମନ ନାହାକ ଙ୍କୁ ପୁରସ୍କୃତ ହୋଇଛନ୍ତିୟ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଙ୍କ ସଂଯୋଜନା ରେ ଆୟୋଜିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସମାଜସେବୀ।ପ୍ରଦୀପ ପ୍ରଜ୍ୱଳନ କରିଥିଲା ବେଳେ ଅନ୍ୟ ଅତିଥିଭାବେ ପ୍ରତାପ କୁମାର ମହାରଣା, ଡି ଭି ଜୟସିଂ, ଅମୁଲ୍ୟ କୁମାର ଦାସ, ଶିବଶଙ୍କର ସ୍ୱାଇଁ,ଚନ୍ଦ୍ର ଶେଖର ସ୍ୱାଇଁ, ବିଦ୍ୟାମନ୍ଦିର ସମ୍ପାଦକ କମଳେନ୍ଦୁ ହୋତା, ସହ ସମ୍ପାଦକ ଦିଲ୍ଲିପ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରି ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଗୁରୁମା ଗୁରୁଜୀ କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## କଳାକାରର ୩୯ ତମ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ



ଅନୁଗୋଳ,(ମହାଭାରତ): ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ଦ୍ୱାରା ସ୍ଥାନୀୟ ସଭାଘର ଠାରେ ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇ ଯାଇଛି । ଜିଲ୍ଲା ଓକିଲ ସଙ୍ଘ ସଭାପତି ଦିଲୀପ ସାହୁ ମୁଖ୍ୟ ଅତିଥି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାରର ସଂସ୍କୃତି ପରମ୍ପରାର କୁ ବଜାୟ ରଖିବାର ଏହି ଉଦ୍ୟମ କୁ ପ୍ରଶଂସା କରିଥିଲେ। କଳାକାର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ। କଳାକାରର ବରିଷ୍ଠ ସଦସ୍ୟ ଚୈତନ୍ୟ ସାହୁ, ପ୍ରତିଷ୍ଠାତା ସଭ୍ୟ ଶରତ ମାଝୀ, କି ବୋର୍ଡ଼ ବାଦକ ଯୋଗେଶ୍ୱର ଦାସଙ୍କ ବିୟୋଗ ରେ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଡ. କୃଷ୍ଣ ଚନ୍ଦ୍ର ଦାସ,କ୍ଷୀରୋଦ ପାତ୍ର, ଇନ୍ଦିରା ଦାସ ଉପସ୍ଥିତ ଥିଲେ ବିଚାରକ ଭାବେ ଓଡିଶୀ ନୃତ୍ୟଗୁରୁ ପିତାମ୍ବର ବିଶ୍ୱାଳ, ଓଡିଶୀ ସଂଗୀତ ଗୁରୁ ଜୀବନାନନ୍ଦ ବରାଳ, ଶାସ୍ତ୍ରୀୟ ବାଦ୍ୟ ଗୁରୁ ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ ଆଜି ଆୟୋଜିତ ରଙ୍ଗଭରୋ, ଚିତ୍ରାଙ୍କନ, ଓଡିଶୀ ନୃତ୍ୟ, ଲଘୁ ନୃତ୍ୟ ରେ ବିଭିନ୍ନ ଅନୁଷ୍ଠାନର ତିନିଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ଡ ବୈରାଗୀ ଚରଣ ମଲ୍ଲିକ ମଞ୍ଚ ସଂଚାଳନ କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ କଳାକର ପରିବାରର ସମସ୍ତ ସଦସ୍ୟଓ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# ମଣ୍ଡି ଜଗିବେ ବିଜେପି ବିଜେଡି କର୍ମୀ !



ଧର୍ମଗଡ,,ମହାଭାରତ,, କଳାହାଣ୍ଡି ଜିଲ୍ଲାରେ ଖରିପ ଋତୁ ପାଇଁ ନଭେମ୍ବର ୨୯ ତାରିଖ ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଜିଲ୍ଲାର ୧ ଲକ୍ଷ ୧୪ ହଜାର ୭୮୫ ଜଣ ଚଷୀ ଧାନ ବିକିବା ପାଇଁ ପଞ୍ଜିକରଣ କରିଛନ୍ତି ସେଥିପାଇଁ ଜିଲ୍ଲାରେ ଖୋଲିବ ୨୨୯ ଟି ଧାନ ମଣ୍ଡି । ତେବେ ଚଳିତ ବର୍ଷ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାପାଇଁ ସରକାର ଘୋଷଣା କରି ସହିତ କେମିତି ଚଷୀ ତାର ଉଚିତ ମୂଲ୍ୟ ପାଇପାରିବେ ସେ ନେଇ ବିଜେପି କର୍ମୀ ମଣ୍ଡି ଜଗିବେ ବୋଲି ବିଜେପି କହିଥିବା ବେଳେ ବିରୋଧୀ ମଧ୍ୟ ପୂର୍ବ ଘୋଷଣା ଭଳି ଜୁମଲା ନ ହେଉ ଚଷୀ ବିନା କଟନୀ ଛଟନି ୩୧୦୦ ଟଙ୍କା ପାଇବେ ସେନେଇ ବିଜେଡି କର୍ମୀ ମଧ୍ୟ ମଣ୍ଡି ଜଗିବେ ଏବଂ ଚଷୀଙ୍କୁ ତାଙ୍କ ହକ ପାଇବା ପାଇଁ ଲଢେଇ କରିବେ ବୋଲି ବିଜେଡି କହିଛି । ପୂର୍ବ ବର୍ଷ ଭଳି ଏଣିକି ଆଉ ଚଳିବ ନହିଁ ମିଲର୍ସ ରାଜ । ଏଫଏକ୍ୟୁ ଆଳରେ ଆଉ ହେବେ ନି ଚଷୀ ଶୋଷଣର ଶିକାର । ବିନା କଟନୀ ଛଟନି ରେ ଚଳିବ ମଣ୍ଡି, ଚଷୀ ପାଇବେ କ୍ଇଣ୍ଟାଲ ପିଛା ୩୧୦୦ ଟଙ୍କା । ଯଦି କେଉଁଠି ଏଥିରେ ବ୍ୟତିକ୍ରମ ହେବ ତାହାହେଲେ ତା ହାତରେ ହାତକଡୀ ଲଗା ଯିବ । ସରକାର ଚଷୀଙ୍କ ହକ ଅଧିକାର ପାଇଁ ଯେଉଁସବୁ ପ୍ରତିଶୃତି ଦେଇଛନ୍ତି ତାହା ନିଶ୍ଚିତ ଭାବରେ ପୂରଣ କରାଯିବ । ସେଥିପାଇଁ ସବୁ ଧାନ ମଣ୍ଡିରେ ବିଜେପି କର୍ମୀ ଜଗିବେ ବୋଲି ବିଜେପି ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି । ଅନ୍ୟ ପକ୍ଷରେ ବିଜେପି କୁ କଟାକ୍ଷ କରି । ବିଜେପି ଖାଲି ଜୁମଲା ପାର୍ଟି ସୁଭଦ୍ରା ଯୋଜନା ରେ ଦୁଇ ବର୍ଷରେ ମହିଳାଙ୍କୁ ୫୦ ହଜାର ଟଙ୍କା, ୩୦୦ ୟୁନିଟ ବିଜୁଳି ବିଲ ଭଳି ଅନେକ ପ୍ରତିଶୃତି ଦେଇ ଜନତା ଙ୍କୁ ଭୁଆଁ ବୁଲେଇଛି ।ତେବେ ମଣ୍ଡିରେ ଚଷୀଙ୍କୁ କ୍ଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା କହିଛି ହେଲେ ତାଙ୍କୁ ବି କେମିତି ଭୁଆଁ ବୁଲନ ଯାଉ । ଚଷୀ କେମିତି ତାଙ୍କ ହକ ଅଧିକାର ପାଇଁ ପାରିବେ । ସରକାର ଘୋଷଣା କରିଥିବା ବିନା କଟନି ଛଟନି ରେ ୩୧୦୦ କେମିତି ପାଇଁ ବ ସେନେଇ ବିଜେଡି କର୍ମୀ ମଧ୍ୟ ସବୁ ମଣ୍ଡିରେ ଜଗିବେ । ମଣ୍ଡିରେ ଚଷୀଙ୍କୁ ଜଦି ତାଙ୍କ ଅଧିକାର ନ ମିଳିଛି । ଶୋଷଣର ଶିକାର ହେଉଛି ତାହା ହେଲେ ଚଷୀଙ୍କ ହକ ପାଇଁ ରାଜ ରାସ୍ତାରେ ଲଢେଇ କରିବେ ବୋଲି କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ କହିଛନ୍ତି ।

## ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଡେପୋଟେସନ୍ ବିଳମ୍ବ ନେଇ ଜାକେଡ଼ା ପଞ୍ଚାୟତ ହାଇସ୍କୁଲରେ ଝୁଲିବ ତାଲା

ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ,ଶିମିଳିସାହି ରେ ଚାଲିଛି ମହା ଦୁର୍ନିତୀୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ଜାକେଡ଼ା ଗ୍ରାମ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରୀପାଠୀ ଏବଂ କିରାଣୀ ରବୀନ୍ଦ୍ର କୁମାର ହୋତା ଉଭୟ ମିଶି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରତ୍ୟେକ ବର୍ଷ ସରକାରଙ୍କ ତରଫରୁ ଆସୁଥିବା ଟିଉସନ୍ ଫି ଅର୍ଥକୁ ଆତ୍ମସାତ କରିବା, ବିଦ୍ୟାଳୟ ପରିଚାଳନା କମିଟି ଗଠନ ଅନିୟମିତତା, ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ଠାରୁ ସାର୍ଟିଫିକେଟ ବାବଦକୁ ୩୦୦ ରୁ ୫୦୦ ମୋଟା ଅଙ୍କର ଟଙ୍କା ଆଦାୟ କରିବା। ଅନ୍ୟପଟେ ରାଜ୍ୟ ସରକାର ଆଦିବାସୀ ଛାତ୍ର ଛାତ୍ରୀଙ୍କ ପାଠ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେହି ଅର୍ଥ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ପାଇଁ ନା ଛାତ୍ର ଛାତ୍ରୀଙ୍କ ପାଇଁ । ଯାହାକୁ ନେଇ ସମସ୍ତ ଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାଇସ୍କୁଲରେ ପିଲାମାନଙ୍କର ପାଠପଢା ଠାରୁ ପ୍ରଧାନ ଶିକ୍ଷୟତ୍ରୀ ହୋଇ ନିୟମିତ ବିଦ୍ୟାଳୟକୁ ନଆସିବା ଆଦି ବିଭିନ୍ନ ସମସ୍ୟା ବିଷୟରେ ପଚାରିବାକୁ ଗଲେ ସ୍ଥାନୀୟ ଲୋକମାନଙ୍କୁ ଦେଉଛନ୍ତି ଗାଳିଗୁଲଜ । ଏପରିକି ପ୍ରଧାନ ଶିକ୍ଷୟତ୍ରୀ ଜଣେ ମହିଳା ହୋଇଥିବାରୁ ମାନହାନି କେସ ଦେଇ ଫସେଇଦେବା ଅଞ୍ଚଳବାସୀ ଙ୍କୁ ଦେଉଛନ୍ତି ଧମକ। ଏହି ପ୍ରତିବାଦରେ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରୀପାଠୀ ଙ୍କୁ ଅନ୍ୟତ୍ର ଡେପୋଟେସନ୍ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସେପ୍ଟେମ୍ବର ୬ ରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଅଭିଯୋଗ କରିଥିଲେ । ଅନେକ ଥର ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଭେଟି ଆଲୋଚନା କରିଥିଲେ। ପୂର୍ବରୁ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ କିରାଣୀ ଆସି ତଦନ୍ତ କରିଥିଲେ। କିନ୍ତୁ ଦୀର୍ଘ ଦୁଇମାସ ବିତିଗଲା ହେଲେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନେଲା ନାହିଁ ଶିକ୍ଷା ବିଭାଗ। ଏପରି ଅକ୍ଟୋବର ୨୮ ରୁ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ହୋଇ ନିୟମିତ ବିଦ୍ୟାଳୟକୁ ନଆସିବା ଏକ ଦୁର୍ଭାଗ୍ୟ ଜନକ ବିଷୟ। ସମସ୍ତ ଖବର ଜାଣି ଏଭଳି ଜଣେ ଦୁର୍ନିତୀ ଗ୍ରସ୍ତ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ପ୍ରତି , କାହିଁ କି ଆକ୍ସନ ନେଉ ନାହାନ୍ତି ଜିଲ୍ଲା ଶିକ୍ଷା ପ୍ରଶାସନ। ଏଠି ପ୍ରଶ୍ନ ? ଅନ୍ୟ କାହା ଚାପରେ ପଡି ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ଘଣ୍ଟ ଘୋଡାଉ ଛି କି ଜିଲ୍ଲା ଶିକ୍ଷା ଅଧିକାରୀ। ନା ପ୍ରଧାନ ଶିକ୍ଷୟତ୍ରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ରହିଛି ମଧୁ ଚନ୍ଦ୍ରିକା । ଯାହା ଫଳରେ ଜିଲ୍ଲା ଶିକ୍ଷା ଅଧିକାରୀ ଚପେଇ ଦେବା ପାଇଁ କରୁଛି କି ଉଦ୍ୟମ । ନା ରାଜନେତାଙ୍କ ଛତ୍ରଛାୟା ତଳେ ରହି ପ୍ରଧାନ ଶିକ୍ଷୟତ୍ରୀ କରୁଛନ୍ତି କି ଗୋଟି ଚାଳନା ? କିଏ ସେହି ରାଜନେତା ? ଗଣମାଧ୍ୟମ ଦ୍ୱାରା ଖବର ପ୍ରସାରିତ ହେଲା ପରେ ବି ଭାଙ୍ଗୁନି ଶିକ୍ଷା ଅଧିକାରୀଙ୍କ ନିଦ। ବର୍ତ୍ତମାନର ବଡ ଖବର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ହଟାଅ ହାଇସ୍କୁଲ ବଞ୍ଚାଅ। ଯଦି ତୁରନ୍ତ ଡେପୋଟେସନ୍ ନକରନ୍ତି ତେବେ ଆଗାମୀ ଦିନରେ ହାଇସ୍କୁଲରେ ଝୁଲିବ ତାଲା। ଜିଲ୍ଲା ଶିକ୍ଷା ବିଭାଗକୁ ଦେଲେ କଡ଼ା ଚେତାବନୀ । ଏକଥା ଆମେ କହୁ ନାହୁ ପ୍ରତିକ୍ରିୟା ରଖିଛନ୍ତି ଖୋଦ୍ ସ୍ଥାନୀୟ ଅଞ୍ଚଳବାସୀ। ଦେଖାଯାଉ ଏଦିଗରେ ଜିଲ୍ଲା ଶିକ୍ଷା ପ୍ରଶାସନ ଅଧିକାରୀ ପଦକ୍ଷେପ ନେଉଛନ୍ତି ନା ଆଦିବାସୀଙ୍କ ଅଭିଯୋଗକୁ ନାଲି ଫିତା ତଳେ ଚପିହୋଇ ରହୁଛି ତାହା ଦେଖିବା ପାଇଁ ବାକି ରହିଛି।


ମହାଭାରତ
# ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ





## ସମ୍ଭାଜୀ ମହାରାଜାଙ୍କ ହତ୍ୟାକାରୀଙ୍କୁ କିଛି ଲୋକ ଆଦର୍ଶ ମାନନ୍ତି

**ମୁମ୍ବାଇ,୧୪।୧୧(ମହାଭାରତ):** ମହାରାଷ୍ଟ୍ର ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟର ଛତ୍ରପତି ସମ୍ଭାଜୀନଗରରେ ଏକ ନିର୍ବାଚନ ରାଲିରେ ସମ୍ବୋଧିତ କରିଛନ୍ତି । ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ମହାରାଷ୍ଟ୍ରରେ ଆଧୁନିକ ଭିତ୍ତିଭୂମି ନିର୍ମାଣ କରାଯାଉଛି । ସବୁକିଛି ଉପରେ କାମ ଦ୍ରୁତ ଗତିରେ ଚାଲିଛି । ମହାଯୁତି ସରକାର ଗଠନ ହେବା ପରଠାରୁ ସର୍ବାଧିକ ବିଦେଶୀ ପୁଞ୍ଜି ବିନିଯୋଗ ହୋଇଛି । ସେ କହିଛନ୍ତି ଯେ ଆଗାମୀ ସମୟରେ ବହୁତ ବଡ କମ୍ପାନୀ ଏଠାକୁ ଆସିବାକୁ ଯାଉଛନ୍ତି । ଆଉରଙ୍ଗଜେବଙ୍କ ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମ୍ଭାଜୀ ମହାରାଜଙ୍କ ହତ୍ୟାକାରୀକୁ କିଛି ଲୋକ ସେମାନଙ୍କ ଆଦର୍ଶ ଭାବେ ମାନନ୍ତି । ସଂରକ୍ଷଣ ପ୍ରସଙ୍ଗ ଏବଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସର ରାଜକୁମାରମାନେ ବିଦେଶ ଯାଇ ଖୋଲାଖୋଲି ଭାବେ ଘୋଷଣା କରିଛନ୍ତି ଯେ



ସେମାନେ ସଂରକ୍ଷଣ ସମାପ୍ତ କରିବେ । ବର୍ତ୍ତମାନ, ସେମାନଙ୍କର ଏଜେଣ୍ଡାକୁ ଆଗକୁ ନେବା ପାଇଁ କଂଗ୍ରେସ ଏବଂ ମହା ବିକାଶ ଅଘାଡି ଏସସି / ଏସଟି / ଓବିସି ସମାଜକୁ ଛୋଟ ଜାତିରେ ବିଭକ୍ତ କରିବାକୁ ଷଡଯନ୍ତ୍ର କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଆଉରଙ୍ଗାବାଦ ଛତ୍ରପତି ସମ୍ଭାଜୀ ନଗର କରାଯାଇଥିଲା ସେତେବେଳେ କାହାକୁ ଅଧିକ ସମସ୍ୟା ହୋଇଥିଲା ? ସେହି ସମାନ କଂଗ୍ରେସ ଦଳକୁ, ମହା ବିକାଶ ଅଘାଡିଙ୍କ ଲୋକଙ୍କୁ, ଯାହାର ସମର୍ଥକମାନେ ଏହି ନିଷ୍ପତ୍ତିକୁ ରଦ୍ଦ କରିବାକୁ କୋର୍ଟ ଯାଇଥିଲେ । ସମଗ୍ର ମହାରାଷ୍ଟ୍ର ଜାଣେ ଯେ ଛତ୍ରପତି ସମ୍ଭାଜୀନଗରଙ୍କୁ ଏହି ନାମ ଦେବାର ଦାବି ବାଲାସାହେବ ଠାକରେଙ୍କ ଦ୍ୱାରା ଉଠାଯାଇଥିଲା । ଅଘାଡି ସରକାର ଅଢେଇ ବର୍ଷ କ୍ଷମତାରେ ଥିଲେ, କିନ୍ତୁ କଂଗ୍ରେସର ଚାପରେ ଏହି ଲୋକମାନଙ୍କର ସାହସ ନଥିଲାବେଳେ ମହାଯୁତୀ ସରକାର ଆସିବା ମାତ୍ରେ ଏହି ସହରର ନାମ ପରିବର୍ତ୍ତନ କରିଥିଲା । ଆମେ ଆପଣମାନଙ୍କର ଇଚ୍ଛା ପୂରଣ କରିଛୁ, ଆମେ ବାଲାସାହେବ ଠାକରେଙ୍କ ଇଚ୍ଛା ପୂରଣ କରିଛୁ । ମହାରାଷ୍ଟ୍ରର ଏହି ନିର୍ବାଚନ କେବଳ ଏକ ନୂତନ ସରକାର ବାଛିବା ପାଇଁ ନୁହେଁ । ଏହି ନିର୍ବାଚନରେ, ଗୋଟିଏ ପଟେ ଦେଶପ୍ରେମୀ ଅଛନ୍ତି ଯେଉଁମାନେ ସମ୍ଭାଜୀ ମହାରାଜଙ୍କୁ ବିଶ୍ୱାସ କରନ୍ତି ଏବଂ ଅନ୍ୟ ପଟେ ଆଉରଙ୍ଗଜେବଙ୍କୁ ପ୍ରଶଂସା କରୁଥିବା ଲୋକ ଅଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମହାରାଷ୍ଟ୍ରର ଦ୍ରୁତ ବିକାଶ ପାଇଁ ଜନସାଧାରଣ ଏକ ମିଳିତ ସରକାର ଗଠନ କରିବାକୁ ଆଗ୍ରହୀ ଅଟନ୍ତି । ସେ କହିଛନ୍ତି ଯେ ଏମ୍ଭିଏ ଲୋକମାନେ ଏହି ସମସ୍ୟା ବଢ଼ାଇବା ବ୍ୟତୀତ ଅନ୍ୟ କିଛି କରିନାହାଁନ୍ତି ।

## ସବୁ ରୋଗୀଙ୍କୁ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସଂପର୍କରେ କହିବା ସମ୍ଭବ ନୁହେଁ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସଂପର୍କରେ ଡାକ୍ତର ରୋଗୀଙ୍କୁ ଜଣାଇବା ବାଧ୍ୟତାମୂଳକ କରିବାକୁ ନେଇ ସୁପ୍ରିମକୋର୍ଟରେ ଦାଖଲ ଆବେଦନ ଖାରଜ ହୋଇଛି । ଜଷ୍ଟିସ ବିଆର ଗବଇ ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ଦାବିର ପ୍ରାସଙ୍ଗିକତା ନାହିଁ ବୋଲି କହିଛନ୍ତି । କେରଳ ଏର୍ନାକୁଲମର ଆବେଦକ ଜ୍ୟାକବ ବଡକ୍କନଚେରୀ ସୁପ୍ରିମକୋର୍ଟରେ ଏହି ଆବେଦନ କରିଥିଲେ । ତାଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟକୁ ଆଧାର କରି କହିଥିଲେ, ବିଶ୍ୱରେ ଅନେକ ଲୋକ ଔଷଧର କୁପ୍ରଭାବର ଶିକାର ହେଉଛନ୍ତି । ତେଣୁ ରୋଗୀଙ୍କ ଲାଗି ଔଷଧ ଦେବା ବେଳେ ପ୍ରେସକ୍ରିପ୍ସନରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ସଂପର୍କରେ ଡାକ୍ତର ଲେଖିବା



ବାଧ୍ୟତାମୂଳକ କରିବାର ଆବଶ୍ୟକତା ରହିଛି । ଏଭଳି ଦାବି ଉପରେ ଖଣ୍ଡପୀଠ କହିଛନ୍ତି, ଯଦି ଡାକ୍ତରମାନେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସଂପର୍କରେ ଲେଖିବେ ତେବେ ଜଣେ ଡାକ୍ତର ୧୦ରୁ ୧୫ ଜଣରୁ ଅଧିକ ରୋଗୀଙ୍କ ଚିକିତ୍ସା କରିପାରିବେ ନାହିଁ । ସୁପ୍ରିମକୋର୍ଟ କହିଛନ୍ତି ଯେ, 'ପ୍ରତି ରୋଗୀଙ୍କୁ ଭିନ୍ନ ଭିନ୍ନ ଔଷଧ ଦିଆଯାଉଛି । ପୂର୍ବରୁ ଲେଖାଥିବା ଫର୍ମାଟ ଦେବା ବି ସମ୍ଭବପର ନୁହେଁ ।' ଜଷ୍ଟିସ ଗବଇ କହିଛନ୍ତି, ଭାରତର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଭିଡ଼ ଅଧିକ ରହୁଛି । ଏଭଳି ସ୍ଥିତିରେ ପ୍ରତି ରୋଗୀଙ୍କ ପ୍ରେସକ୍ରିପ୍ସନରେ ଡାକ୍ତର ଔଷଧର ସାଇଡ୍ ଇଫେକ୍ଟ ବା ପାର୍ଶ୍ୱ ପ୍ରତିକ୍ରିୟା ସଂପର୍କରେ କିଭଳି ଲେଖିବେ ? ଉପଭୋକ୍ତା ସଂରକ୍ଷଣ ଆଇନ୍ ଅଧୀନରେ ଡାକ୍ତରଙ୍କ କାର୍ଯ୍ୟକୁ ସୀମିତ ରଖାଯିବାକୁ ନେଇ ସେମାନେ ପୂର୍ବରୁ ଅସୁବିଧାରେ ଅଛନ୍ତି ବୋଲି ସେ କହିଛନ୍ତି ।

## ରାହୁଲଙ୍କ ଉପରେ ବର୍ଷିଲେ ଶାହ ଓ ମୋଦୀ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଝାଡଖଣ୍ଡରେ ଅମିତ ଶାହଙ୍କ ମାରାଥନ ପ୍ରଚାର । କେନ୍ଦ୍ରଗୃହମନ୍ତ୍ରୀ ଆଜି ଝାଡଖଣ୍ଡର ଗିରିଡିହରେ ଜନସାଧାରଣଙ୍କୁ ସମ୍ବୋଧନ କରିଛନ୍ତି । ମଂଚରେ ବିରେଧୀ ଦଳନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କଲେ ଅମିତ ଶାହ । ଶାହ କହିଛନ୍ତି ସୋନିଆ ଗାନ୍ଧୀ ରାହୁଲଙ୍କୁ ରାଜନିତୀ ମଇଦାନକୁ ଓହ୍ଲାଇବାକୁ ବହୁତ ଥର ଚେଷ୍ଟା କରିଛନ୍ତି । କିନ୍ତୁ ସୋନିଆଙ୍କ ରାହୁଲ ପ୍ଲେନ କୋଡିଏ ଥର ଫେଲ ମାରିଥିଲା ଏବଂ ପ୍ଲେନ ପୁଣି ଝାରଖଣ୍ଡରେ ୨୧ଥର କ୍ରାସ ହେବାକୁ ଯାଉଛି । ଅମିତ ଶାହାଙ୍କ ବୟାନ ପରେ ଝାଡଖଣ୍ଡରେ ସରଗରମ



ହୋଇଛି ରାଜନିତୀ । ରାହୁଲଙ୍କ ପରେ ଝାଡଖଣ୍ଡର ବିକାଶ ଓ ନକ୍ସଲବାଦର କଥା କହିଥିଲେ ଗୃହମନ୍ତ୍ରୀ । ଝାଡଖଣ୍ଡରେ ବିଜେପି ସରକାରକୁ ଆସିଲେ ରାଜ୍ୟରେ ନକ୍ସଲବାଦ ଓ ଅବୈଧ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବ । ପାଞ୍ଚ ବର୍ଷମଧ୍ୟରେ ଝାଡଖଣ୍ଡକୁ ସମୃଦ୍ଧ ରାଜ୍ୟରେ ପରିଣତ କରାଯିବ । ରାଜ୍ୟରେ ଗରିବୀ ଦୁର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛି । ରାଜ୍ୟରେ ଭ୍ରଷ୍ଟାଚାରର ଯାଞ୍ଚ ପାଇଁ ଏସଆଇଟି ଗଠନ କରାଯିବ । ଜେଏମଏମ୍ ଓ କଂଗ୍ରେସ ନେତାଙ୍କ ଦ୍ୱାରା ଲୁଟ କରାଯାଇଥିବା ସରକାରୀ ଅର୍ଥକୁ ଫେରାସ୍ତ ଅଣାଯିବ ବୋଲି ଅମିତ ଶାହା ଜନସଭାରେ କହିଥିଲେ ।

## ଯଦି ଭୋଟ ଜିହାଦ ଜାରି ରହେ ତେବେ ଧର୍ମଯୁଦ୍ଧ କରିବାକୁ ପଡ଼ିବ: ଫଡନାଭିସ୍

**ମୁମ୍ବାଇ,୧୪।୧୧(ମହାଭାରତ):** ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଯଦି କଂଗ୍ରେସ ଏବଂ ଏଆଇଏମଆଇଏମ୍ ଦ୍ୱାରା ଭୋଟ୍ ଜିହାଦର ବ୍ୟବହାର ଜାରି ରହେ, ତେବେ ଏଥିପାଇଁ ଧର୍ମଯୁଦ୍ଧ କରିବାକୁ ପଡ଼ିବ । ଲୋକଙ୍କୁ ଏକ ଉପାୟରେ ଜାଗ୍ରତ କରିବା ପାଇଁ ଏହା ଏକ ପ୍ରୟାସ । ଯୋଗୀ ଆଦିତ୍ୟନାଥଙ୍କ ବୟାନ 'ବଟୋଗେ ତୋ କଟୋଗେ' ସହ ସେ ସମ୍ପୂର୍ଣ୍ଣ ସହମତ ବୋଲି ସେ କହିଛନ୍ତି । ଫଡନାଭିସ କହିଛନ୍ତି, ଯଦି କୌଣସି ସମାଜ ବିଭାଜିତ ହୁଏ, ତା'ହେଲେ ତାହାର ଅନ୍ତ ଘଟିବ। ଇତିହାସ ଆମକୁ ଏହା ଦେଖାଇଛି । କଂଗ୍ରେସ କ୍ରମାଗତ ଭାବରେ ଜାତିକୁ ବିଭାଜନ କରିବାକୁ ଚେଷ୍ଟା କରୁଛି, ଯାହାଦ୍ୱାରା ସେମାନେ ପରସ୍ପର ସହ ଲଢ଼େଇ ଜାରି ରଖିବେ । ତେଣୁ ଯଦି କେହି କୁହନ୍ତି ଯେ ଯଦି ଆମେ ବିଭାଜନ କରିବୁ, ତେବେ ଆମକୁ କାଟି ଦିଆଯିବ, ଏଥିରେ ଭୁଲ୍ କ'ଣ ? ହଁ, ଏହା ସକାରାତ୍ମକ ଭାବରେ ମଧ୍ୟ କୁହାଯାଇପାରେ, ଯେପରି କି ଆମ ର ପ୍ରଧାନମନ୍ତ୍ରୀ କହିଥିଲେ - ଯଦି ଏକତା ଅଛି,



ତେବେ ନିରାପତ୍ତା ଅଛି । କଂଗ୍ରେସ ଦଳ ହିନ୍ଦୁ-ମୁସଲମାନ ଆଧାରରେ ଦେଶକୁ ବିଭାଜନ କରିବାକୁ ଚାହୁଁଛି ବୋଲି ଫଡନାଭିସ ଅଭିଯୋଗ କରିଛନ୍ତି । ସେମାନେ ତୁଷ୍ଟୀକରଣ ନୀତି ଅନୁସରଣ ଜାରି ରଖିଛନ୍ତି । ଆମର ନୀତି ସମସ୍ତଙ୍କ ପାଇଁ ନ୍ୟାୟ ଏବଂ କାହାପାଇଁ ନିଯୁକ୍ତି ନୁହେଁ ବୋଲି ସେ କହିଛନ୍ତି । ବଟୋଗେ ତୋ କଟୋଗେ ' ସ୍ଲୋଗାନ କୁ ନେଇ ଅଜିତ ପାୱାରଙ୍କ ଆଭିମୁଖ୍ୟ ସମ୍ପର୍କିତ ପ୍ରଶ୍ନରେ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଅଜିତ କାକା ଏବେ ବି ଭାବନାକୁ ବୁଝିପାରୁନାହାନ୍ତି। ସେ ମୋର ସହକର୍ମୀ । ସେ ଜଣେ ଅତ୍ୟନ୍ତ ଚତୁର ରାଜନେତା । ଲୋକଙ୍କ ଭାବନାକୁ ବୁଝିବାରେ ସେ ଭୁଲ କରୁଛନ୍ତି । ଭୋଟ୍ ଜିହାଦ ପରେ ଯେମିତି ଆମେ କେଉଁ ଦିଗକୁ ଯାଉଛୁ ତାହାକୁ ନେଇ ଲୋକଙ୍କ ମନରେ କ୍ରୋଧ ରହିଛି । ଯଦି ସେ ଏହା ବୁଝିବେ, ତେବେ ସେ ଏଭଳି କଥା କହିବେ ନାହିଁ ।

## ଇଣ୍ଡିଗୋ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଆଜି ପୂର୍ବାହ୍ନରେ ନାଗପୁରରୁ କୋଲକାତା ଉଡ଼ାଣ ଭରିଥିବା ଏକ ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିବା ପରେ ଏହା ରାୟପୁରରେ ଜରୁରୀ ଅବତରଣ କରିଥିଲା । ୧୮୭ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟ ଥିବା ବିମାନଟି ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟରେ ଅବତରଣ କରିଥିଲା ବୋଲି ରାୟପୁର ଏସପି ସନ୍ତୋଷ ସିଂହ ସୂଚନା ଦେଇଛନ୍ତି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମଝି ଆକାଶରେ ଥିବା ବେଳେ ବିମାନରେ ବୋମା ଅଛି ବୋଲି ଜଣେ ଯାତ୍ରୀ କ୍ରୁ ସଦସ୍ୟଙ୍କୁ କହିଥିଲେ । ଏନେଇ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ସୂଚନା ଦେବା ସହ ବିମାନକୁ ରାୟପୁର ଏୟାରପୋର୍ଟକୁ ଡାଇଭର୍ଟ କରାଯାଇଥିଲା । ସେଠାରେ ଅବତରଣ କରିବା ପରେ ବିମାନଟିକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା । ସବୁ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯିବା ସହ ସେମାନଙ୍କ ଲଗେଜକୁ ଯାଞ୍ଚ କରାଯାଇଥିଲା । ଏହା ସହ ବୋମା ସନ୍ଧାନକାରୀ ଟିମ୍ ବିମାନରେ ବୋମା ଖୋଜାଖୋଜି କରିଥିଲେ । ଯାଞ୍ଚ ପରେ ବୋମା ଥିବା ଖବର ଗୁଜବ ବୋଲି ଜଣାପଡ଼ିଥିଲା । ତେବେ ଯେଉଁ ଯାତ୍ରୀ ବିମାନରେ ବୋମା ଥିବା ନେଇ କହିଥିଲେ ତାଙ୍କୁ ପୋଲିସ ଗିରଫ କରି ପଚରା ଉଚରା କରୁଛି । ସେପଟେ ବୋମା ନଥିବା ନେଇ ସ୍ପଷ୍ଟ ହୋଇଯିବା ପରେ ବିମାନଟି କୋଲକାତା ଅଭିମୁଖେ ଯାତ୍ରା କରିଛି । ଏହା ପୂର୍ବରୁ ଅକ୍ଟୋବର ୨୪ରେ କୋଲକାତାରୁ ବିଳାଶପୁର ଯାଉଥିବା ଆଲିଆନ୍ସ ଏୟାରର ଏକ ବିମାନକୁ ଧମକ ମିଳିଥିଲା । କିନ୍ତୁ ଯାଞ୍ଚ ପରେ ଏଥିରେ କେଣସି ସତ୍ୟତା ନଥିବା ଜଣାପଡ଼ିଥିଲା । ତେବେ ଗତ କିଛି ଦିନ ହେଲା ବିଭିନ୍ନ ବିମାନକୁ ବୋମାରେ ଉଡ଼ାଇ ଦେବାକୁ ମିଳୁଛି । ଯଦିଓ ଧମକରେ କେଣସି ସତ୍ୟତା ନାହିଁ କିନ୍ତୁ ଉଭୟ ଏୟାର ଲାଇନ ଏବଂ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ବିଦ୍ୟୁତ୍ ସଙ୍କଟ ଯୋଗୁଁ ପଙ୍ଗୁ ଅବସ୍ଥାରେ ବାଂଲା ଶିଳ୍ପ ଜଗତ


**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ସୁଧୁରୁନି ବାଂଲାଦେଶ। ବିଦ୍ୟୁତ ସଙ୍କଟ ଯୋଗୁଁ ଦେଶର ଶିଳ୍ପ ଜଗତ ଏକପ୍ରକାର ପଙ୍ଗୁ ଅବସ୍ଥାରେ । ବାଂଲାଦେଶ ସରକାର ଅଦାନୀଙ୍କୁ ବକେୟା ଟଙ୍କା ଦେବେ କଣ ଓଲଟା କୋର୍ଟକୁ ଯାଇଛନ୍ତି ।

ବାଂଲାଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଓକିଲ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଦାବି କରିଛନ୍ତି ଯେ ଭାରତର ଅଦାନୀ ଗ୍ରୁପ୍ ସହ ହୋଇଥିବା ବିଦ୍ୟୁତ ଚୁକ୍ତିର ସମୀକ୍ଷା କିମ୍ବା ବାତିଲ କରିବାକୁ ଅଦାଲତ ଅନ୍ତରୀଣ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ବିଦ୍ୟୁତ ସଙ୍କଟ ଯୋଗୁଁ ଦେଶର ଶିଳ୍ପ ଗୁଡ଼ିକ ନଷ୍ଟ ହେବାରେ ଲାଗିଛି ଏବଂ ଏବେ ଏହା ନିଜର ସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛି । ବାଂଲାଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଓକିଲ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଦାବି କରିଛନ୍ତି ଯେ ଭାରତର ଅଦାନୀ ଗ୍ରୁପ୍ ସହ ହୋଇଥିବା ବିଦ୍ୟୁତ ଚୁକ୍ତିର ସମୀକ୍ଷା କିମ୍ବା ବାତିଲ କରିବାକୁ ଅଦାଲତ ଅନ୍ତରୀଣ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ବାଂଲାଦେଶର ବ୍ୟାରିଷ୍ଟର ଏମ୍ ଅବଦୁଲ କୟୁମ୍ ଜନସ୍ୱାର୍ଥ ସମ୍ବନ୍ଧୀୟ ଏକ ମାମଲା ଭାବେ ଏକ ରିଟ୍ ପିଟିସନ୍ ଦାଖଲ କରିଛନ୍ତି । ଏଥିରେ ସେ ୨୦୧୭ ନଭେମ୍ବର ୫ତାରିଖରେ ବାଂଲାଦେଶ ସରକାର ଏବଂ ଅଦାନୀ ପାୱାର ଲିମିଟେଡ୍ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିର ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି ।

ଅଦାନୀ ଗ୍ରୁପ୍ ସହ ଚୁକ୍ତିକୁ ନେଇ ଉଠିଲା ପ୍ରଶ୍ନ ? ଆଇନଜୀବୀ ଅବଦୁଲ କୟୁମ୍ ବାଂଲାଦେଶ ଦୈନିକ 'ଦ ଡେଲି ଷ୍ଟାର'କୁ କହିଛନ୍ତି ଆସନ୍ତା ସପ୍ତାହରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିପାରିବେ । ପିଟିସନ ସମ୍ପର୍କରେ ସେ କହିଛନ୍ତି ଯେ ସେ ଅନେକ ବିଶେଷଜ୍ଞଙ୍କ ମତାମତ କୁ ଅନ୍ତର୍ଭୁକ୍ତ କରିଛନ୍ତି, ଯେଉଁମାନେ କହିଛନ୍ତି ଯେ ଏହି ଚୁକ୍ତି ଅନୁଯାୟୀ ବାଂଲାଦେଶକୁ କୋଇଲା ଭିତ୍ତିକ ବିଦ୍ୟୁତ ଅପେକ୍ଷା ନିମ୍ନ ମାନର କୋଇଲା ଶକ୍ତି ପାଇଁ ଅଧିକ ମୂଲ୍ୟ ଦେବାକୁ ପଡିବ । ସେପଟେ ସମୀକ୍ଷାର ସଙ୍କେତ ଦେଲେ ୟୁନୁସ ସରକାର । ଏହା ପୂର୍ବରୁ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ମଧ୍ୟ ଆଦାନୀ ଗ୍ରୁପ୍ ସହ ହୋଇଥିବା ଏହି ଚୁକ୍ତିର ସମୀକ୍ଷା କରିବାକୁ କହିଥିଲେ । ସରକାର ଜାଣିବାକୁ ଚାହୁଁଛନ୍ତି ଯେ ଚୁକ୍ତିର ସର୍ତ୍ତାବଳୀ କ'ଣ ଥିଲା ଏବଂ ବାଂଲାଦେଶ ପ୍ରକୃତରେ ଏହା ଅଧୀନରେ ବିଜୁଳି ପାଇଁ ଅଧିକ ମୂଲ୍ୟ ଦେଉଛି କି ନାହିଁ । ଶେଖ୍ ହସିନା ସରକାର ସମୟରେ ହୋଇଥିବା ଏହି ଚୁକ୍ତିକୁ ନେଇ ବାଂଲାଦେଶରେ ଅନେକ ବର୍ଷ ଧରି ପ୍ରଶ୍ନ ଉଠୁଛି । ବାଂଲାଦେଶ ଉପରେ ରହିଛି ହଜାର ହଜାର କୋଟି ଟଙ୍କାର ବିଲ୍ । ଅଦାନି ଗ୍ରୁପ୍ ସହ ହୋଇଥିବା ଏହି ଚୁକ୍ତିରୁ ବାଂଲାଦେଶକୁ ପ୍ରାୟ ୧୦ ପ୍ରତିଶତ ବିଜୁଳି ମିଳୁଥିଲେ ହେଁ ବିଦ୍ୟୁତ ଅଭାବରୁ ବାଂଲାଦେଶର ଅଧିକାଂଶ ଶିଳ୍ପ ଧ୍ୱଂସ ହୋଇଯାଇଛି । ସେହିପରି ବାଂଲାଦେଶ ସରକାର ଗ୍ରୁପ୍ ଉପରେ ୭୦ କୋଟି ଟଙ୍କାର ବିଲ୍ ବକେୟା ରଖିଛନ୍ତି ।

## ୟୁକ୍ରେନ ଯୁଦ୍ଧକୁ ଦୀର୍ଘ ଦିନ ଜାରି ରଖି ଅଡୁଆରେ ପୁଟିନ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ୟୁକ୍ରେନ୍-ରୁଷ୍ ଯୁଦ୍ଧକୁ ଏବେ ପାଖାପାଖି ୩ ବର୍ଷ ପୂରିବ । ଉଭୟ ଦେଶ ପରସ୍ପର ଉପରେ ହମଲା ଜାରି ରଖିଛନ୍ତି । ଏହି ଯୁଦ୍ଧକୁ ଦୀର୍ଘ ଦିନ ଧରି ଜାରି ରଖିବାର ରୁଷ୍ ଉପରେ ହେଉଛି ଅଭିଯୋଗ । ଏହି ମଧ୍ୟରେ ରୁଷୀୟ ମିଡ଼ିଆର ରିପୋର୍ଟରେ କୁହାଯାଇଛି ଯେ, ରୁଷର ବିମାନ ଉଦ୍ୟୋଗ ସଦ୍ୟ ଏକ ବଡ଼ ସଙ୍କଟରେ ଫସିବାକୁ ଯାଉଛି । ରୁଷୀୟ ଦୈନିକ ଇଜଭେଷ୍ଟିଆର ଏକ ରିପୋର୍ଟରେ କୁହାଯାଇଛି ଯେ, ରୁଷର ୩୦ଟି ଏୟାରଲାଇନ୍ କମ୍ପାନୀ ଦେବାଳିଆ ହେବାର ସ୍ଥିତିରେ ପହଞ୍ଚି ଯାଇଛି । ଏହି ୩୦ଟି କମ୍ପାନୀ ସାମୂହିକ ଭାବେ ଘରୋଇ ଯାତ୍ରୀ ଯାତାୟାତର ୨୫ ପ୍ରତିଶତ ବହନ କରେ ,କିନ୍ତୁ ଆର୍ଥିକ ବୋଝର ବୃଦ୍ଧି କାରଣରୁ ଆସନ୍ତା ବର୍ଷ ୨୦୨୫ସୁଦ୍ଧା ଦେବାଳିଆ ହୋଇପାରେ । ଦେବାଳିଆର ସମ୍ମୁଖୀନ ହେଉଥିବା ଏହି ବିମାନ କମ୍ପାନୀ ଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଆକାର, ଯେଉଁମାନେ ବିଦେଶୀ



ବିମାନ ଗୁଡ଼ିକୁ ଲିଜରେ ନେଇଛନ୍ତି । ଏହି କାରଣରୁ ଏହା ଉପରେ ଖୁବ୍ କରଜର ବୋଝ ରହିଛି । ୟୁକ୍ରେନ୍ ସହ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ ଦେଶ ଗୁଡ଼ିକ ରୁଷିଆ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଛନ୍ତି, ଯେଉଁଥି ପାଇଁ ସେମାନେ ଆର୍ଥିକ କ୍ଷତି ସହୁଛନ୍ତି । ୩୦ଟି କମ୍ପାନୀ ମଧ୍ୟରୁ ଅଧିକାଂଶ କମ୍ପାନୀମାନେ ବିମାନ ଲିଜ୍ର ଉପରେ କିସ୍ତି ଦେବା ବନ୍ଦ କରି ଦେଇଛନ୍ତି, ସେଥିପାଇଁ ସେମାନଙ୍କର ଋଣ ଭାର ଆହୁରି ବୃଦ୍ଧି ପାଇଛି । ଯଦିଓ ରାଷ୍ଟ୍ରପତି ପୁଟିନ ଏହି କମ୍ପାନୀଗୁଡ଼ିକୁ ରିଲିଫ ଯୋଗାଇବା ପାଇଁ କିଛି ଋଣ ଛାଡ଼ ଯୋଜନା କରିଛନ୍ତି । ତଥାପି ଏହି କମ୍ପାନୀ ଗୁଡ଼ିକ ଉପରେ ଟାକ୍ସର ବୋଝ ବଢ଼ି ଯାଇଛି । ରିପୋର୍ଟରେ କୁହାଯାଇଛି କି, ଯଦି ସରକାର ଏହି ଏୟାରଲାଇନ କମ୍ପାନୀଗୁଡ଼ିକର ଋଣକୁ ଛାଡ଼ କରନ୍ତି, ତେବେ ସେହି ରାଶିରେ ସେମାନଙ୍କୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଦେବାକୁ ପଡ଼ିବ । ଏଥିରେ ବିମାନ କମ୍ପାନୀ ଗୁଡ଼ିକ ଉପରେ ବୋଝ ଆହୁରି ବଢ଼ି ଯିବ । ଏଥିରୁ ଅଧିକାଂଶ କମ୍ପାନୀମାନେ ବରମୁଡା , ଆୟରଲାଣ୍ଡ ଓ ୟୁରୋପରେ ରେଜିଷ୍ଟର୍ଡ ହୋଇଛନ୍ତି ।

## ପୁଣି ଖସିଲା ସୁନା ଦର

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ସୁନାଦର ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି । ଏହାର ପ୍ରଭାବରେ ଭାରତରେ ବି ସୁନା ଦର ହ୍ରାସ ପାଇଛି । ଗୁରୁବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ସୁନା ମୂଲ୍ୟରେ ପ୍ରାରମ୍ଭିକ କାରବାରରେ ହ୍ରାସ ଘଟିଛି । ଏମସିଏକ୍ସରେ ଡିସେମ୍ବର ଡେଲିଭରି ପାଇଁ ସୁନା ଦର ୧୦ ଗ୍ରାମ ପିଛା ୭୨୮୬୭ ଟଙ୍କାକୁ ହ୍ରାସ ପାଇଛି ଓ ରୁପା କିଲୋଗ୍ରାମ ପିଛା ୮୮୦୩୨ ଟଙ୍କାକୁ ହ୍ରାସ ପାଇଛି । ଗତ ଏକ ସପ୍ତାହ ମଧ୍ୟରେ ସୁନା ୧୦ ଗ୍ରାମ ପିଛା ୩୪୦୦ ଟଙ୍କା ଓ ରୁପା କିଲୋ ପିଛା ୩୨୦୦ ଟଙ୍କା ହ୍ରାସ ପାଇଛି । ଫ୍ୟୁଚର ବଜାରରେ ସୁନା କମିବା ଯୋଗୁଁ ସ୍ପଟ ବଜାରରେ ବି ସୁନା



କମିଚାଲିଛି । ସ୍ପଟ ବଜାରରେ ୨୨ କ୍ୟାରେଟ ସୁନା ୭୩୬୪୮ ଟଙ୍କାକୁ କମିଛି । ଡଲାର ସୂଚକାଙ୍କରେ କ୍ରମାଗତ ବୃଦ୍ଧି ଏବଂ ଆମେରିକୀୟ ବଣ୍ଡ ଆୟ ସୁନା ଓ ରୂପା ମୂଲ୍ୟରେ ହ୍ରାସ ଘଟାଉଛି । ଏପରିକି ବିଦେଶୀ ବଜାରରେ ମଧ୍ୟ ସୁନା ଓ ରୁପା ମୂଲ୍ୟରେ ତୀବ୍ର ସୁଧାର ଦେଖିବାକୁ ମିଳିଛି । ଡଲାର ସୂଚକାଙ୍କରେ କ୍ରମାଗତ ବୃଦ୍ଧି ଏବଂ ଆମେରିକୀୟ ବଣ୍ଡ ଆୟ ସୁନା ଓ ରୂପା ମୂଲ୍ୟରେ ହ୍ରାସ ଘଟାଉଛି । ଏପରିକି ବିଦେଶୀ ବଜାରରେ ମଧ୍ୟ ସୁନା ଓ ରୁପା ମୂଲ୍ୟରେ ତୀବ୍ର ସୁଧାର ଦେଖିବାକୁ ମିଳିଛି । କୋମେକ୍ସରେ ସୁନା ଦର ଆଉନ୍ସ ପିଛା ୨୫୬୭ ଡଲାରକୁ ଖସି ଆସିଛି, ଯାହା କି ପାଖାପାଖି ଅଧା ପ୍ରତିଶତ ହ୍ରାସ ପାଇଛି । ରୂପା ମୂଲ୍ୟରେ ମଧ୍ୟ ଦୁର୍ବଳତା ଦେଖାଯାଉଛି, ଦେଢ଼ ପ୍ରତିଶତରୁ ଅଧିକ ହ୍ରାସ ପାଇ ଏବେ ଆଉନ୍ସ ପିଛା ୩୦ ଡଲାରରେ ପହଞ୍ଚିଛି ।

## ଚନ୍ଦ୍ରବାବୁଙ୍କ ସରକାର ବିରୋଧରେ ଅଭିଯୋଗ ଆଣିଲେ ଜଗନ ମୋହନ ରେଡ୍ଡୀ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଚନ୍ଦ୍ରବାବୁ ନାଇଡୁ ସରକାରଙ୍କ ଉପର ଖୁବ ବର୍ଷିଛନ୍ତି ୱାଇଏସଆର କଂଗ୍ରେସର ମୁଖ୍ୟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ । ୪୯ ଜଣ ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତାଙ୍କ ଗିରଫଦାରୀକୁ ସେ ଜୋରଦାର ବିରୋଧ କରିଛନ୍ତି । ଆନ୍ଧ୍ର ପ୍ରଦେଶରେ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ବିରୋଧୀ ଦଳର ସୋସିଆଲ ମିଡିଆକାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ୬୮୦ ନୋଟିସ୍ ଜାରି କରିଛି । ସେହିଭଳି ୧୪୭ଟି ମାମଲା ରୁଜୁ ହୋଇଥିବା ବେଳେ ୪୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ଜଗନ ରେଡ୍ଡୀ ଅଭିଯୋଗ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, କେଣସି ସୋସିଆଲ ମିଡିଆ ପୋଷ୍ଟକୁ ସରକାର ନାପସନ୍ଦ କରିପାରନ୍ତି ଏବଂ ସିଆରପିସି ୪୧ଏରେ ମାମଲା କରିପାରନ୍ତି । କିନ୍ତୁ ସରକାର ଲୋକଙ୍କୁ ଉଠାଇ ନେଇ ମାଡ଼ମାରି ପାରିବେ ନାହିଁ ବୋଲି କହି ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ରାଜ୍ୟ



ପୋଲିସ ୮୬ଟି ମିଥ୍ୟା ମାମଲା ରୁଜୁ କରିଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିଥିଲା । ୱାଇଏସଆର କଂଗ୍ରେସ ପକ୍ଷରୁ ନଭେମ୍ବର ୫ରେ ଅଭିଯୋଗ କରାଯାଇଥିଲା ଯେ, ସମାଜସେବୀ ସରକାରଙ୍କ ଦୁର୍ନୀତିକୁ ଲୋକମାନଙ୍କ ଆଗକୁ ଆଣୁଛନ୍ତି । ସେମାନଙ୍କୁ ସରକାର ଟାର୍ଗେଟ କରି ମିଛ ମାମଲାରେ ଫସାଉଛନ୍ତି । ୱାଇଏସଆରସିପି କଂଗ୍ରେସର କାର୍ଯ୍ୟକର୍ତ୍ତା, ଦଳର ସୋସିଆଲ ମିଡିଆ ଆକ୍ଟିଭିଷ୍ଟ , ଏପରିକି କୃଷକଙ୍କୁ ନୋଟିସ ବିନା ଗିରଫ କରାଯାଉଛି । ଟିଡିପି କାର୍ଯ୍ୟକର୍ତ୍ତାଙ୍କ ମିଛ ଅଭିଯୋଗରେ ମଧ୍ୟ ପୋଲିସ ବିରୋଧୀ ଦଳର କର୍ମୀଙ୍କୁ ଗିରଫ କରୁଛି ବୋଲି ଜଗନ ରେଡ୍ଡୀଙ୍କ ଦଳ ଅଭିଯୋଗ କରିଥିଲା । ଏବେ ଦଳ ଆହୁରି ଅଭିଯୋଗ କରିଛି ଯେ, ବିଭିନ୍ନ ଜିଲ୍ଲାରେ ମଧ୍ୟ ଏହି ଟ୍ରେଣ୍ଡ ଜାରି ରହିଛି । କେବଳ ଏନଟିଆର ଜିଲ୍ଲାରେ ୬୧ଟି ମାମଲା ହୋଇଛି । ଏହା ବ୍ୟତୀତ ଶ୍ରୀକାକୁଲମ, ନେଲୋର, ପଶ୍ଚିମ ଗୋଦାବରୀ ଏବଂ ଅନ୍ୟ ଜିଲ୍ଲାରେ ବିରୋଧୀ ଦଳର ସୋସିଆଲ ମିଡିଆ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ମଧ୍ୟ ୱାଇଏସଆର କଂଗ୍ରେସ ଅଭିଯୋଗ କରିଛି ।

## ଗାଜାର ସମସ୍ୟା ନେଇ ଚିନ୍ତା ପ୍ରକାଶ କଲେ ଜାତିସଂଘ

**ନୂଆଦିଲ୍ଲୀ,୧୪।୧୧(ମହାଭାରତ):** ଇସ୍ରାଏଲ ସେନା ଗାଜାରେ ୧୪ ମାସ ଧରି କରିଛି ଜୋରଦାର ଆକ୍ରମଣ । ଗତ ବର୍ଷଠାରୁ ଆକ୍ରମଣ ଜାରି ରହିଛି । ଗାଜାରେ ଇସ୍ରାଏଲ ଆକ୍ରମଣରେ ମୃତକଙ୍କ ସଂଖ୍ୟା ୪୪ ହଜାର ପାର କରିଯାଇଛି । ଗାଜାରେ ଭୀଷଣ ଆକ୍ରମଣକୁ ଦେଖି ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ ଇସ୍ରାଏଲି ପିଏମ୍ ବେଞ୍ଜାମିନ୍ ନେତନ୍ୟାହୁଙ୍କ ବିରୋଧରେ ଗିରଫଦାରୀ ୱାରେଣ୍ଟ ମଧ୍ୟ ଜାରି କରାଯାଇଛି । ଗାଜାରେ ଇସ୍ରାଏଲ ଲଗାତାର ଅପରେସନ୍ ଭିତରେ ଜାତିସଂଘର ସ୍ୱତନ୍ତ୍ର କମିଟିର ନୂଆ ରିପୋର୍ଟ ଜାରି କରିଛି। ଯେଉଁଥିରେ କୁହାଯାଇଛି ଗାଜାରେ ଇସ୍ରାଏଲ ଯୁଦ୍ଧ ପ୍ରଣାଳୀ ନରସଂହାର ଭଳି ରହିଛି । ଗାଜାରେ ଇସ୍ରାଏଲର କାର୍ଯ୍ୟପ୍ରଣାଳିର ଯାଞ୍ଚ ପାଇଁ ଜାତିସଂଘର ସ୍ୱତନ୍ତ୍ର କମିଟି ଏକ ନୂଆ ରିପୋର୍ଟ ଜାରି କରିଛି । ଏଥିରୁ ଏହ ଖୁଲାସା କରାଯାଇଛି ଯେ, ୧୪ ମାସର ଯୁଦ୍ଧରେ ଇସ୍ରାଏଲ ସେନା ଦ୍ୱାରା ଗାଜାରେ ପାଲେଷ୍ଟାନୀୟଙ୍କ ଉପରେ ବଡ଼ ପରିମାଣରେ ଆକ୍ରମଣ ହୋଇଛି । ଯେଉଁଥିରେ ବଡ଼ ସଂଖ୍ୟାରେ ନାଗରିକଙ୍କ ମୃତ୍ୟୁ ହେଉଛି ଓ ତାଙ୍କୁ ବହୁ ବୀପରିତ ଓ ଖରାପ ସ୍ଥିତିରେ ରହିବା ପାଇଁ ବାଧ୍ୟ କରାଯାଉଛି । କମିଟି ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛି, ଯୁଦ୍ଧ ଆରମ୍ଭରୁ ଇସ୍ରାଏଲୀ ଅଧିକାରୀମାନେ ଗାଜାରେ ସେହି ନୀତିର ସମର୍ଥନ କରିଛନ୍ତି, ଯାହାଫଳରେ ପାଲେଷ୍ଟାନୀୟଙ୍କୁ ଜୀବନ ପାଇଁ ଆବଶ୍ୟକୀୟ ଜିନିଷ ଭୋଜନ, ପାଣି ଓ ଇନ୍ଧନରୁ ବଞ୍ଚିତ କରି ଦିଆଯାଇଛି ।' ଏଥିରେ ଆଗକୁ କୁହାଯାଇଛି, ମାନବୀୟ ସହାୟତାର ଆଡମ୍ବର କରି ଇସ୍ରାଏଲ ଗାଜାବାସୀଙ୍କ ଉପରେ ଘୋର ଅତ୍ୟାଚାର କରୁଛନ୍ତି ।' ଏହା ପୂର୍ବରୁ ଜାତିସଂଘ ସହ ଜଡିତ କେଣସି ଗୋଷ୍ଠୀ ଦ୍ୱାରା ଗାଜା ଉପରେ ଇସ୍ରାଏଲର ଯୁଦ୍ଧ ପାଇଁ 'ନରସଂହାର' ଶବ୍ଦର ପ୍ରୟୋଗ କରି ନାହାନ୍ତି ।

# ଚାମ୍ପିୟନ୍ସ ଟ୍ରଫି: ପାକିସ୍ତାନ ସହିବ ୫୪୯୭ କୋଟିର କ୍ଷତି

ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି): ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଯିବାକୁ ଭାରତୀୟ ଟିମକୁ ଭାରତର ସରକାର ଅନୁମତି ଦେଇ ନାହାନ୍ତି। ଏକଥା ବିସିସିଆଇ ପକ୍ଷରୁ ଆଇସିସିକୁ ଜଣାଇ ଦିଆଯାଇଛି।

ଆଇସିସି ମଧ୍ୟ ଏକଥା ପାକିସ୍ତାନ କ୍ରିକେଟ ବୋର୍ଡକୁ ଜଣାଇ ଦେଇଛି। ହେଲେ ପାକିସ୍ତାନ ନିଜ ଜିଦରେ ଅଟଳ ରହିବା ସହ ଚାମ୍ପିୟନ୍ସ ଟ୍ରଫିର ଗୋଟିଏ ବି ମ୍ୟାଚ୍ ଦେଶ ବାହାରେ ହେବାକୁ ଦେବ ନାହିଁ ବୋଲି କହିଛି। ଏଥିସହ ବିସିସିଆଇର ଆଭିମୁଖ୍ୟ ଉପରେ ଆଇସିସି ନିଜର ପକ୍ଷ ସ୍ପଷ୍ଟ କରିବାକୁ ମଧ୍ୟ ପିସିବି ଚିଠି ଲେଖିଛି।ରାଜନୀତିକ ବିବାଦ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୧୨-୧୩ରୁ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ହେଉନାହିଁ।ଉଭୟ ଦେଶ କେବଳ ଆଇସିସି ଓ ଏସିଆ କପରେ ମୁହାଁମୁହିଁ ହେଉଛନ୍ତି। ୨୦୨୩ ଏସିଆ କପର ଆୟୋଜନ ପାକିସ୍ତାନ ପାଇଥିଲେ ହେଁ ଭାରତ ଶ୍ରୀଲଙ୍କାରେ ତାର ମ୍ୟାଚ୍ ଗୁଡ଼ିକ ଖେଳିଥିଲା। ଏସିଆ କପରେ ହାଇବ୍ରିଡ ମଡେଲ ଆପଣା ଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ କିନ୍ତୁ ପାକିସ୍ତାନ ହାଇବ୍ରିଡ ମଡେଲ ସପକ୍ଷରେ ନାହିଁ। ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି।କ୍ରିକବଜରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯଦି ପାକିସ୍ତାନ ଯଦି ନିଜ ଜିଦରେ ଅଟଳ ରହିବ ଓ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପ୍ରଭାବିତ ହେବ, ତାହେଲେ ଆଇସିସି ବାଧ୍ୟ ହୋଇ ପାକିସ୍ତାନ ଉପରେ କଟକଣା ଲଗାଇବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯିବ, ତାହେଲେ ଆଇସିସି ପକ୍ଷରୁ ପାଇବାକୁ ଥିବା ପାଣ୍ଠି ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇବ।ପାକିସ୍ତାନ କ୍ରିକେଟ ବୋର୍ଡ ଯଦି ବିବାଦକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫି ଉପରେ ରୋକ ଲଗାଏ, ତାହେଲେ ଦେଶକୁ ଆୟୋଜକ ଫି ବାବଦରେ ୬୫ ମିଲିୟନ ଡଲାର ବା ପ୍ରାୟ ୫୪୯୭ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ। ନିକଟରେ ପିସିବି କରାଚି, ରାୱଲପିଣ୍ଡି ଓ ଲାହୋର ଷ୍ଟାଡିୟମର ଉନ୍ନତିକରଣ କରିଥିଲା।ଯଦି ମ୍ୟାଚ୍ ନ ହେବ, ତାହେଲେ ଏ ବାବଦରେ ମଧ୍ୟ ପାକିସ୍ତାନକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଭାରତ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରୁଛି। କିନ୍ତୁ ପାକିସ୍ତାନର କହିବା କଥା ଯେ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ସିରିଜକୁ ଦେଶ ସଫଳତାର ସହ ଆୟୋଜନ କରିଥିଲା।ସୁରକ୍ଷା ବ୍ୟବସ୍ଥାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ସମାନ ପଦକ୍ଷେପ ନିଆଯିବ। ତେବେ ଏଯାଏ ଆଇସିସି ପକ୍ଷରୁ ପାକିସ୍ତାନର ଆଭିମୁଖ୍ୟ ସମ୍ପର୍କରେ କିଛି ବି କହି ନାହିଁ।




# ସମ୍ବଲପୁର, କିଟ୍ ଓ ରାଞ୍ଚି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଜାତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ

ରାଉରକେଲା: ପାନପୋଷ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି ଏହାସହ ଶ୍ରେଷ୍ଠ ୪ଟି ଦଳ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦଳଗୁଡ଼ିକ ହେଉଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ, ରାଞ୍ଚି ବିଶ୍ୱବିଦ୍ୟାଳୟ ଓ ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଗୁରୁବାରଠାରୁ ଏହି ୪ ଦଳ ମଧ୍ୟରେ ପୋଜିସନ୍ ପାଇଁ ମ୍ୟାଚ୍ ଖେଳାଯିବ।

ଖେଳାଯାଇଥିବା ସମସ୍ତ ୪ଟିଯାକ ମ୍ୟାଚ୍ ସଂପୂର୍ଣ୍ଣ ଏକତରଫା ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଧାସଳଖ ୬-୦ ଗୋଲରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ପରାସ୍ତକରିଛି। ଦଳ ପକ୍ଷରୁ ଆତେନ ଟପ୍ପୋ ସର୍ବାଧିକ ୩ଟି ଗୋଲ(୧୩,୧୫,୨୫) ଦେଇଥିବାବେଳେ ନୀତି ଲାକ୍ରା(୧୮), ମୁକ୍ତା ଯୋଯୋ(୨୭) ଓ ଆଞ୍ଜେଲା ଟପ୍ପୋ(୩୯) ଗୋଟିଏ ଲେଖାଏ ଗୋଲ୍‌ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୧୨-୦ ଗୋଲ୍‌ରେ ଏସ.ଏନ. ବିଶ୍ୱବିଦ୍ୟାଳୟ (ରାୟଗଡ଼)କୁ ପରାସ୍ତ କରିଛି। ଦଳ ପକ୍ଷରୁ ରୁଚିକା ଉପାଧ୍ୟାୟ ସର୍ବାଧିକ ୩ଟି ଗୋଲ୍(୬,୧୧,୧୫) ଦେଇଥିବାବେଳେ ପୂଜା ଯାଦବ (୮,୨୩), ବର୍ଷାପାଲ(୨୮,୩୦) ଓ ଅଙ୍କିତା ପାଲ(୨୨,୨୮) ୨ଟି ଲେଖାଏ ଗୋଲ୍ ଏବଂ କଳ୍ପନା କୁମାରୀ(୧୮), ଆସ୍ମିନ ଖାନ(୫) ଓ ପୀତାମ୍ବି କୁମାରୀ(୨) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

ଏହାସହ ରାଞ୍ଚି ବିଶ୍ୱବିଦ୍ୟାଳୟର ଫିନି କାନ୍ଦିର(୨୧,୨୪,୩୭), ରାଣୀ ଆଲବେଲା ଟପ୍ପୋ(୪,୧୯), ରେଶ୍ମା ଗ୍ୱାରେଙ୍ଗ(୧୨), ଏଲିନ ଡୁଙ୍ଗଡୁଙ୍ଗ(୩୬) ଓ ପ୍ରମୋଦିନୀ ଲାକ୍ରା(୧୬)ଙ୍କ ଗୋଲ୍ ବଳରେ ହେମଚନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ୬-୦ ଗୋଲରେ ପରାସ୍ତ କରିଛି।ଅନ୍ତିମ ମ୍ୟାଚ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ବୃହତ ବିଜୟ ହାସଲ କରିଛି। କିଟ୍ ମ୍ୟାଚ୍‌ସାରା ଦବ୍‌ଦବା ଜାରି ରଖି ୯-୦ ଗୋଲରେ କୋଲକାତା ବିଶ୍ୱବିଦ୍ୟାଳୟକୁ ପରାସ୍ତକରିଛି।କିଟ୍‌ର ଦୀପି ମୋନିକା ଟପ୍ପୋ ସର୍ବାଧିକ ୫ଟି ଗୋଲ୍(୪,୫,୧୦,୧୭,୧୦) ଦେଇଥିବାବେଳେ ରଜନୀ ଏକ୍କା ୨ଟି(୪୦,୫୮) ଏବଂ ଅଲିଭା ଟେଟେ(୧୪) ଓ ସୁମି ମୁଣ୍ଡାରୀ(୨୯) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।



# କନିଷ୍ଠ ବିଶ୍ୱ ଟେନିସ୍ ରାଙ୍କିଙ୍ଗ୍‌ରେ ଆହନ


ଭୁବନେଶ୍ୱର,୧୪।୧୧: ଓଡ଼ିଶା ଟେନିସ୍‌ରେ ଆଉ ଏକ ଗୌରବର ପର୍ବ ଯୋଡ଼ି ହୋଇଛି। ଓଡ଼ିଆ ପୁଅ ଆହନ ମିଶ୍ର କନିଷ୍ଠ ବିଶ୍ୱ ରାଙ୍କିଙ୍ଗ୍ (୧୮ ବର୍ଷରୁ କମ୍ ବର୍ଗ)ରେ ପ୍ରବେଶ କରି ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ଜେ୧୦୦ ନାଇରୋବି କେନିଆ। ଆଇଟିଏଫ୍ ଇଷ୍ଟ୍ଆଫ୍ରିକା ଜୁନିଅର ସର୍କିଟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାର ମୁଖ୍ୟ ରାଉଣ୍ଡରେ ସେ ସିଧାସଳଖ ୬-୩, ୬-୩ ସେଟ୍‌ରେ ଇସ୍ରାଏଲର ତୋକର ତିକ୍ତିନସ୍କାଏଙ୍କୁ ହରାଇ ଆଗକୁ ବଢ଼ିଥିଲେ। ହେଲେ ଦ୍ୱିତୀୟ ରାଉଣ୍ଡରେ ଆହନ ୧-୬, ୫-୭ ସେଟ୍‌ରେ ବିଶ୍ୱର ୫୮୧ ନମ୍ବର ଅଷ୍ଟ୍ରେଲିଆର ନିକୋଲାସ ବେକରଙ୍କଠୁ ପରାସ୍ତ ହୋଇଥିଲେ। ପ୍ରଥମ ରାଉଣ୍ଡ ବାଧା ପାର୍ କରିଥିବାରୁ ଆହନ ୫ କନିଷ୍ଠ ଆଇଟିଏଫ୍ ରାଙ୍କିଂ ପଏଣ୍ଟ କରାୟତ୍ତ କରିଛନ୍ତି ଫଳରେ ସେ ବିଶ୍ୱ କନିଷ୍ଠ ମାନ୍ୟତାର ୧୮ ବର୍ଷରୁ କମ୍ ବାଳକ ଏକକରେ ୩୦୦୦ତମ ସ୍ଥାନ ପାଇବାର ସମ୍ଭାବନା ରହିଛି। ଏହି ପ୍ରତିଯୋଗିତା ପୂର୍ବରୁ ଆହନଙ୍କ ବିଶ୍ୱ ମାନ୍ୟତାରେ ସ୍ଥାନ ପାଇ ନଥିଲେ।



ଯୁଗଳରେ ଆହନ ଓ ତାଙ୍କ ସାଥୀ ଅଭିରାମ ନିଳାଖେ ୬-୦, ୬-୩ ସେଟ୍‌ରେ କେନିଅରର ଓ୍ୱିକ୍ଲିଫ ବାରାକା ଓ ଏଡାର୍ଡ ମାକିଓଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆହନ ଓ ଅଭିରାମ କଡ଼ା ସଂଘର୍ଷ କରି ୧-୬, ୬-୩, ୭-୧୦ ସେଟ୍‌ରେ ଅଷ୍ଟ୍ରେଲିଆର ନିକୋଲାସ ବେକର ଓ ଫ୍ରାନ୍ସର ଜୁଲେସ ରିମ୍ବାଉଡଙ୍କଠୁ ହାରି ଅଭିଯାନ ଶେଷ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଏକକରେ ଭାରତର ଏହି ୪ ନମ୍ବର ଖେଳାଳି ଓଡ଼ିଶା ଟେନିସ ଏକାଡେମିରେ ବରିଷ୍ଠ ପ୍ରଶିକ୍ଷକ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି।

# ଟି-୨୦ରେ ରେକର୍ଡ କଲେ ମ୍ୟାକ୍ସୱେଲ

ନୂଆଦିଲ୍ଲୀ,୧୪।୧୧: ଟି-୨୦ କ୍ରିକେଟରେ ବଡ଼ ରେକର୍ଡ କରିଛନ୍ତି ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ। ସେ ଅଷ୍ଟ୍ରେଲିଆର ତୃତୀୟ ବ୍ୟାଟର ଭାବେ ପୁରୁଷ ଟି-୨୦ କ୍ରିକେଟରେ ୧୦ ହଜାର ରନ ପୂରଣ କରିପାରିଛନ୍ତି।ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଡାଭିଡ ଓ୍ୱାର୍ଣ୍ଣର (୧୨,୪୧୧) ଓ ଆରୋନ ଫିଞ୍ଚ(୧୧,୪୫୮) ଏପରି କୀର୍ତ୍ତିମାନ ହାସଲ କରିଥିଲେ। ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ମ୍ୟାକ୍ସୱେଲ ବିଭିନ୍ନ ଟି-୨୦ ଲିଗ ଓ ଅଷ୍ଟ୍ରେଲିଆ ପାଇଁ ନିୟମିତ ଖେଳି ଆସୁଛନ୍ତି। ଆଜି ସେ ପାକିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ୧୯ ବଲରେ ୪୩ ରନର ଇନିଂସ ଖେଳିବା ପରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧୯ ବଲରେ ୪୩ ରନ କରିବା ପରେ ଆବ୍ବାସ ଆଫ୍ରିଦିଙ୍କ ବଲରେ ଆଉଟ ହୋଇଛନ୍ତି। ମ୍ୟାକ୍ସଲେ ବିଶ୍ୱର ୧୬ତମ ବ୍ୟାଟର ଭାବେ ୧୦ ହଜାର ରନ କ୍ଲବରେ ସାମିଲ ହେବାର ରେକର୍ଡ କରିଛନ୍ତି।ତାଲିକାର ୧ନଂ ସ୍ଥାନରେ କ୍ରିସ ଗେଲ ରହିଛନ୍ତି। ସେ ୪୬୩ ଟି-୨୦ ମ୍ୟାଚ୍‌ରେ ୧୪,୫୬୨ ରନ କରିଛନ୍ତି।ଅନ୍ୟପକ୍ଷରେ ଆଜି ଅଷ୍ଟ୍ରେଲିଆ ଓ ପାକିସ୍ତାନ ଟି-୨୦ ବର୍ଷା ଯୋଗୁ ୭ ଓଭର ବିଶିଷ୍ଟ ହୋଇଥିଲା ମ୍ୟାକ୍ସୱେଲଙ୍କ ୪୩ ରନ ଯୋଗୁ ଅଷ୍ଟ୍ରେଲିଆ ୭ ଓଭରରେ ୭ ଓ୍ୱିକେଟ ହରାଇ ୯୩ ରନ କରିଥିଲା ଏହାର ଜବାବରେ ପାକିସ୍ତାନ ୯ ଓ୍ୱିକେଟ ହରାଇ କେବଳ ୬୪ ରନ କରିବାକୁ ସକ୍ଷମ ହୋଇଛି ।



# ରିଜୱାନଙ୍କ ଭାରତ ପ୍ରେମ : ସୂର୍ଯ୍ୟକୁମାରଙ୍କୁ କଲେ ମେସେଜ

ନୂଆଦିଲ୍ଲୀ,୧୪।୧୧: ଭାରତୀୟ କ୍ରିକେଟ ଟିମକୁ ପାକିସ୍ତାନ ପଠାଇବା ପାଇଁ ଭାରତ ସରକାର ମନା କରିଦେବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏବେ ମୁହାଁମୁହିଁ ସ୍ଥିତିରେ ଅଛନ୍ତି ନିକଟରେ ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ(ଆଇସିସି)କୁ ଜଣାଇଥିଲା ଯେ, ଭାରତ ସରକାର ଟିମ୍ ପାକିସ୍ତାନ ପଠାଇବାକୁ ମନ କରିଛନ୍ତି ତେଣୁ ଭାରତ ପାଇଁ ଏକ ହାଇବ୍ରିଡ ମଡେଲ କରାଯାଇ ଟୁର୍ନାମେଣ୍ଟ କରାଯାଉ ଯେତେବେଳେ କି ପାକିସ୍ତାନ ଏହାର ସୀମା ମଧ୍ୟରେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ କରିବାକୁ ଅଧିକାର ପାଇଛି।

କିଛିଦିନ ତଳେ ଭାରତୀୟ ଦଳର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଜଣେ ପ୍ରଶଂସକ ପାକିସ୍ତାନ ନ ଯିବାର ପଛର କାରଣ ସମ୍ପର୍କରେ ପ୍ରଶ୍ନ କରିଥିଲେ ତେବେ ଏହାର ଉତ୍ତରରେ ସୂର୍ଯ୍ୟକୁମାର କହିଥିଲେ କି ଏହି ମାମଲା ଖେଳାଳୀମାନଙ୍କ ହାତରେ ନାହିଁ।

ବୁଧବାର ପାକିସ୍ତାନର ହ୍ୱାଇଟ-ବଲ୍ ଅଧିନାୟକ ମହମ୍ମଦ ରିଜାନଙ୍କୁ ସୂର୍ଯ୍ୟକୁମାରଙ୍କ ମନ୍ତବ୍ୟ ଉପରେ ତାଙ୍କ ମତାମତ ପଚାରିଥିଲେ। କିଛି ସାମ୍ବାଦିକ ଏହାର ଜବାବରେ ରିଜୱାନ୍ କହିଛନ୍ତି ଯେ, ଭାରତୀୟ ଖେଳାଳିଙ୍କୁ ପାକିସ୍ତାନରେ ପ୍ରଶଂସକଙ୍କ ତରଫରୁ ସ୍ୱାଗତ କରାଯିବ, ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୁଇ ବୋର୍ଡ ଏବଂ ସରକାର ଶୀଘ୍ର ଏହି ପ୍ରସଙ୍ଗରେ ଏକ ନିଷ୍ପତ୍ତି ନେଇପାରିବେ।

କେ.ଏଲ୍ ରାହୁଲ, ସୂର୍ଯ୍ୟକୁମାର ଯାଦବ ସମସ୍ତେ ସ୍ୱାଗତଯୋଗ୍ୟ ସମସ୍ତ ଖେଳାଳି ଆସିବେ, ଆମେ ସେମାନଙ୍କୁ ସ୍ୱାଗତ କରିବୁ ଏହା ଆମର ନିଷ୍ପତ୍ତି ନୁହେଁ, ଏହା ପିସିବିର ନିଷ୍ପତ୍ତି ଯାହା ନିଷ୍ପତ୍ତି ନିଆଯିବ, ଆଶା କରୁଛି ସେମାନେ ସମସ୍ତେ ଆଲୋଚନା କରିବେ ଏବଂ ସଠିକ୍ ନିଷ୍ପତ୍ତି ନେବେ କିନ୍ତୁ ଆମେ ଆଶାବାଦୀ ଯେ ଯଦି ଭାରତୀୟ ଖେଳାଳି ଆସିବେ। ତେବେ ଆମେ ସେମାନଙ୍କୁ ଭବ୍ୟ ସ୍ୱାଗତ କରିବୁ।


ଅନ୍ୟପଟେ ଏକ ରିପୋର୍ଟରେ ଅନୁଯାୟୀ ଯଦି ଉଭୟ ବୋର୍ଡ ଏକ ନିରପେକ୍ଷ ଷ୍ଟାଡିୟମ ପାଇଁ ରାଜି ହେବେ ନାହିଁ, ତେବେ ଟୁର୍ନାମେଣ୍ଟ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର ହୋଇପାରେ। ଏଥିସହିତ କିଛି ସହ କରୁଛନ୍ତି ଯେ, ଏହି ଟୁର୍ଣ୍ଣାମେଣ୍ଟ ଦୁଇ ଦଳ ମଧ୍ୟରୁ କୌଣସି ଦଳ ବିନା ଅନୁଷ୍ଠିତ ହୋଇପାରେ, କିନ୍ତୁ ଏଭଳି ହେଲେ ଆଇସିସି ଏବଂ ଏହାର ଆୟ ଉପରେ ଏକ ବଡ଼ ଆର୍ଥିକ ପ୍ରଭାବ ପକାଇବ।




# ନେପାଳ ପ୍ରିମିୟର ଲିଗରେ ଖେଳିବେ ଧାୱନ୍

ନୂଆଦିଲ୍ଲୀ,୧୪।୧୧: କ୍ରିକେଟ ଛାଡିବାକୁ ଗବର୍ ଅର୍ଥାତ୍ ଶିଖର ଧାନଙ୍କର ଇଚ୍ଛା ନାହିଁ ଚଳିତ ବର୍ଷ ସେ ଅଗଷ୍ଟ ମାସରେ ଅନ୍ତର୍ଜାତୀୟ କ୍ରିକେଟ ସହିତ ବିଦାୟ ନେଇଥିଲେ, କିନ୍ତୁ ଏହା ପରେ ତାଙ୍କୁ ଲିଜେଣ୍ଡସ୍ ଲିଗ କ୍ରିକେଟ (ଏଲଏଲସି ୨୦୨୪) ରେ ଖେଳୁଥିବା ଦେଖିବାକୁ ମିଳିଥିଲା। ସେ ବିଗ କ୍ରିକେଟ ଲିଗ ଖେଳିବାକୁ ପ୍ରସ୍ତୁତ ହୋଇଛନ୍ତି ଏବଂ ବର୍ତ୍ତମାନ ସେ ନେପାଳ ପ୍ରିମିୟର ଲିଗ (ଏନ୍‌ପିଏଲ୍ ୨୦୨୪) ରେ ମଧ୍ୟ ଭାଗ ନେବାକୁ ଯାଉଛନ୍ତି। ତାଙ୍କୁ ଏନ୍‌ପିଏଲ୍ ୨୦୨୪ରେ କର୍ନାଲି ୟାକ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିବ।

ଏନ୍‌ପିଏଲ୍ ୨୦୨୪ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ, ଏହି ଟୁର୍ନାମେଣ୍ଟ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୨୧ ପର୍ଯ୍ୟନ୍ତ ଚାଲିବ। ଲିଗ୍‌ରେ ମୋଟ ୩୨ଟି ମ୍ୟାଚ ଖେଳାଯିବ ଏବଂ ଫର୍ମାଟ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ପରି ହେବ। ଏଥିରେ ପ୍ଲେ ଅଫ ଏକ ଏଲିମିଟର, ଦୁଇଟି ଯୋଗ୍ୟତା ଏବଂ ପରେ ଫାଇନାଲ ମ୍ୟାଚ୍ ଅଛି।



କର୍ଣ୍ଣାଲି ୟାକ୍ସଙ୍କ ଦଳ ପଦୋନ୍ନତି ପାଇଁ ସୋସିଆଲ ମିଡିଆରେ ଏକ ଭିଡିଓ କ୍ଲିପ ସେୟାର କରିଛନ୍ତି। ଏହି ଭିଡିଓରେ ଶିଖର ଧାୱନ କହିଛନ୍ତି ନମସ୍କାର ନେପାଳ, ମୁଁ ନେପାଳ ପ୍ରିମିୟର ଲିଗ ଖେଳିବାକୁ ଆସୁଛି। ମୁଁ କର୍ଣ୍ଣାଲି ୟାକ୍ସ ପାଇଁ ଖେଳିବି, ମୁଁ ନେପାଳ ଏବଂ ଏହାର ଲୋକମାନଙ୍କୁ ଭେଟିବାକୁ ଆସୁଛି ତେଣୁ ପ୍ରସ୍ତୁତ ରୁହନ୍ତୁ।

ନେପାଳ ପ୍ରିମିୟର ଲିଗର ପ୍ରଥମ ସଂସ୍କରଣରେ ଜେମ୍ସ ନିଶାମ, ମାର୍ଟିନ ଗୁପ୍ତିଲ, ଉନ୍ମୁକ୍ତ ଚାନ୍ଦ ଏବଂ ବେନ କଟିଙ୍ଗଙ୍କ ସମେତ ଅନ୍ୟ ଅନେକ ଶ୍ରେଷ୍ଠ ଖେଳାଳି ନଜର ଆସିବେ। ଶିଖର ଧାୱନ, ପାକିସ୍ତାନର ମହମ୍ମଦ ହୁସେନ ତଲତ, ହଂକଂର ବାବର ହାୟାତ୍ ଏବଂ ଓ୍ୱେଷ୍ଟଇଣ୍ଡିଜର ଚାଡିକ ଓ୍ୱାଲଟନ ବ୍ୟତୀତ କର୍ନାଲି ୟାକ୍ସଙ୍କ ବିଷୟରେ କଥାବାର୍ତ୍ତା ହେଉଛି। ଏହି ଚାରିଜଣ ବିଦେଶୀ ଖେଳାଳି ଯେଉଁମାନେ ଏହି ଦଳ ପାଇଁ ଖେଳିବେ ଲିଗ୍‌ର ସମସ୍ତ ମ୍ୟାଚ ନେପାଳର କର୍ତ୍ତୀପୁରରେ ଅବସ୍ଥିତ ତ୍ରିଭୁବନ ଇଣ୍ଟରନ୍ୟାଶନାଲ ୟୁନିଭରସିଟିର କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।ଶିଖର ଧାୱନ ବର୍ତ୍ତମାନ ଅନ୍ତର୍ଜାତୀୟ ତଥା ଇଣ୍ଡିଆନ ପ୍ରିମିୟର ଲିଗକୁ ବିଦାୟ ଦେଇଛନ୍ତି। ଆଇପିଏଲରେ ୬୭୦୦ରୁ ଅଧିକ ରନ ସଂଗ୍ରହ କରିଥିବା ଧାୱନ ଆଉ ଆଇପିଏଲରେ ଖେଳିବେ ନାହିଁ। ତାଙ୍କୁ ଶେଷ ଥର ପାଇଁ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିଥିଲା।

# ଧୋନିଙ୍କୁ ହାଇକୋର୍ଟ ନୋଟିସ୍

ରାଞ୍ଚି,୧୪।୧୧: ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ବଢ଼ିଲା ଅଡୁଆ। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ନୋଟିସ୍ ଜାରି କରିଛନ୍ତି।ଅଦାଲତରେ ହାଜର ହେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଜରି କରିଛନ୍ତି। ତାଙ୍କ ପୂର୍ବତନ ସହଯୋଗୀ ମିହିର ଦିବାକର ଏବଂ ସୌମ୍ୟା ଦାସଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ମାମଲାରେ ଧୋନିଙ୍କୁ ହାଇକୋର୍ଟ ନୋଟିସ ପଠାଇଛନ୍ତି ଧୋନିଙ୍କୁ କୋର୍ଟକୁ ଆସି ଏହି ମାମଲାରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ମିହିର ଦିବାକର ଓ ସୌମ୍ୟା ଦାସ 'ଆର୍କା ସ୍ପୋର୍ଟସ ଆଣ୍ଡ ମ୍ୟାନେଜମେଣ୍ଟ ଲିମିଟେଡ'ର ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ନାମରେ କ୍ରିକେଟ୍ ଏକାଡେମୀ ଖୋଲିବା ପାଇଁ ଉଭୟେ ମହେନ୍ଦ୍ର ସିଂହ ଧୋନିଙ୍କ ସହ ଚୁକ୍ତି କରିଥିଲେ। ତେବେ ଏହାର କିଛି ଦିନ ପରେ ଏମଏସ ଧୋନି ମିହିର ଦିବାକର ଏବଂ ସୌମ୍ୟା ଦାସଙ୍କ ବିରୋଧ ଠକେଇ ଅଭିଯୋଗ ଆଣିଥିଲେ। ଧୋନି ଜାନୁଆରୀ ୫ ତାରିଖରେ ଏମାନଙ୍କ ବିରୋଧ ରାଞ୍ଚିରେ ଅପରାଧିକ ମାମଲା ରୁଜୁ କରିଥିଲେ।

ସୌମ୍ୟା ଓ ମିହିର ଦିବାକାର ତାଙ୍କ ଠାରୁ ୧୫ କୋଟି ଟଙ୍କାର ଠକେଇ କରିଥିବା ଧୋନି ଅଭିଯୋଗ ଆଣିଥିଲେ ଧୋନି ଦାବି କରିଛନ୍ତି ଯେ ୨୦୨୧ ମସିହାରେ ସେ ଏକାଡେମୀ ପାଇଁ ଚୁକ୍ତିନାମା ଅଧିକାରକୁ ବାତିଲ କରିଦେଇଥିଲେ। ଅବଶ୍ୟ, ଏହା ପରେ ମଧ୍ୟ ତାଙ୍କ ନାମ ମିହିର ଦିକର ଏବଂ ସୌମ୍ୟା ଦାସଙ୍କ ଦ୍ୱାରା ବ୍ୟବହୃତ କରାଯାଉଥିଲା।



ପରବର୍ତ୍ତୀ ସମୟରେ, ରାଞ୍ଚିରେ ଜଣେ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କୋର୍ଟ ଦ୍ୱାରା ଦିଓ୍ୱାକର ଏବଂ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତେବେ ଏହାକୁ ବିରୋଧ କରି ଦୁହେଁ ଝଡଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ହାଇକୋର୍ଟ ଧୋନିଙ୍କୁ ଏହି ମାମଲାରେ ଅଦାଲତରେ ହାଜର ହେବାକୁ ନୋଟିସ୍ ପଠାଇଛନ୍ତି। ଏହି ମାମଲାରେ ନିଜ ପକ୍ଷ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଶାମିଙ୍କୁ ୪ ଓ୍ୱିକେଟ

ନୂଆଦିଲ୍ଲୀ,୧୪।୧୧: ଆହତ ସମସ୍ୟା ଯୋଗୁ ଦୀର୍ଘ ଗୋଟିଏ ବର୍ଷ ହେଲା କ୍ରିକେଟରୁ ଦୂରେଇ ରହିଥିବା ଭାରତୀୟ ଟିମର ଦ୍ରୁତ ବୋଲର ମହମ୍ମଦ ଶାମି ଜବରଦସ୍ତ ଢଙ୍ଗରେ



କମବ୍ୟାକ କରିଛନ୍ତି ଆହତରୁ ମୁକୁଳିବା ପରେ ସେ ପ୍ରଥମ ଥର ପାଇଁ ରଣଜୀ ଟ୍ରଫିରେ ନଜର ଆସିଛନ୍ତି।ବେଙ୍ଗଲ ପାଇଁ ରଣଜୀ ଖେଳୁଥିବା ଶାମି ନିଜ ଯାଦୁରେ ମଧ୍ୟପ୍ରଦେଶର ବ୍ୟାଟରଙ୍କୁ ଘାଣ୍ଟିଛନ୍ତି ସେ ଏକାକୀ ୪ ଓ୍ୱିକେଟ ଦଖଲ କରିବାରୁ ମଧ୍ୟପ୍ରଦେଶ ବିପକ୍ଷରେ ବେଙ୍ଗଲ ପ୍ରଥମ ଇନିଂସରେ ଲିଡ୍ ହାସଲ କରିଛି । ବେଙ୍ଗଲ ପ୍ରଥମ ଇନିଂସରେ ୨୨୮ ରନ କରିଥିବା ବେଳେ ମଧ୍ୟପ୍ରଦେଶ କେବଳ ୧୬୭ ରନ କରି ଅଲଆଉଟ ହୋଇଯାଇଛି। ୩୪ ବର୍ଷୀୟ ଶାମି ୨୦୧୮ ପରେ ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଖେଳୁଛନ୍ତି ସେ ମଧ୍ୟପ୍ରଦେଶ ବିପକ୍ଷରେ ନିଜର କ୍ଲାସ ଓ ଅଭିଜ୍ଞତାକୁ ପ୍ରଦର୍ଶନ କରି ୧୯ ଓଭରରେ ୫୪ ରନ ଦେଇ ୪ ଓ୍ୱିକେଟ ନେଇଛନ୍ତି ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଶାମିଙ୍କୁ କୌଣସି ଓ୍ୱିକେଟ ମିଳି ନଥିଲା ତେବେ। ଦ୍ୱିତୀୟ ଦିନରେ ସେ ନିଜର ରଣନୀତି ବଦଳାଇଥିଲେ।

# ସୁପର ଷ୍ଟାର ହେଲେ ତିଳକ

ନୂଆଦିଲ୍ଲୀ,୧୪।୧୧:ଅଗଷ୍ଟ ୨୦୨୩ରେ ତିଳକ ବର୍ମା ଭାରତ ପାଇଁ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଡେବ୍ୟୁ କରିବାର ଏକ ବର୍ଷ ପରେ ମଧ୍ୟ ସେ ଦୀର୍ଘ ସମୟ ଧରି ଖୋଜୁଥିବା ଖ୍ୟାତି ପାଇପାରିଲେ ନାହିଁ କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜର ତୃତୀୟ ମ୍ୟାଚ୍‌ରେ ତାଙ୍କର ୧୦୭ ଶତକ ରନ ତିଳକଙ୍କୁ ରାତାରାତି ସୁପରଷ୍ଟାର ଖେଳାଳି ମାନ୍ୟତା ଦେଇଛି। କିନ୍ତୁ ଆପଣ ଜାଣନ୍ତି କି ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ଏହି ଖେଳାଳି କେତେ ଦରମା ପାଆନ୍ତି ?




ତିଳକ ଭର୍ମା ୨୦୨୨ ପରଠାରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ତାଙ୍କୁ ଆଇପିଏଲ୍ ୨୦୨୪ ପାଇଁ ମଧ୍ୟ ରଖିଛି। ପରବର୍ତ୍ତୀ ସିଜନ୍‌ରେ ଖେଳିବା ପାଇଁ ତାଙ୍କୁ ୮ କୋଟି ଟଙ୍କା ଦରମା ମିଳିବ, ମାତ୍ର ୨୦୨୪ ମସିହାରେ ତାଙ୍କର ଦରମା ମାତ୍ର ୧.୭ କୋଟି ଟଙ୍କା ଥିଲା । ଏହାର ଅର୍ଥ ହେଉଛି ଗୋଟିଏ ସିଜନ୍‌ରେ ତିଳକଙ୍କ ଆଇପିଏଲ ଦରମା ସାଢେ ଚାରି ଗୁଣ ବୃଦ୍ଧି ହେବାକୁ ଯାଉଛି। ଅନ୍ୟପକ୍ଷରେ, ଭାରତୀୟ କ୍ରିକେଟ ଦଳ ପାଇଁ ଖେଳିବା ପାଇଁ ତାଙ୍କୁ ବାର୍ଷିକ ଏକ କୋଟି ଟଙ୍କା ମିଳିଥାଏ। କାରଣ ସେ ବିସିସିଆଇର ଗ୍ରେଡ ସି ତାଲିକାରେ ସ୍ଥାନ ପାଇଛନ୍ତି।

୨୦୨୧-୨୦୨୨ ଘରୋଇ ସିଜନ୍‌ରେ ଭଲ ପ୍ରଦର୍ଶନ କରି ତିଳକ ଭର୍ମା ଲାଇମଲାଇଟରେ ଆସିଥିଲେ ସେହି ସିଜନ୍‌ରେ ପ୍ରଥମ ବିଜୟ ହଜାରେ ଟ୍ରଫିର ପାଞ୍ଚଟି ମ୍ୟାଚରେ ୧୮୦ ରନ ସ୍କୋର କରିବା ବ୍ୟତୀତ ତିଳକ ୪ଟି ଉଇକେଟ ନେଇଥିଲେ ଅନ୍ୟପକ୍ଷରେ ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ୭ଟି ମ୍ୟାଚ ଖେଳିବାବେଳେ ସେ ୨୧୫ ରନ ସ୍କୋର କରିଥିଲେ ଘରୋଇ ସିଜନ୍‌ରେ ଏକ ଚମତ୍କାର ପ୍ରଦର୍ଶନ ପରେ, ସେ ଆଇପିଏଲ ଚୁକ୍ତିନାମା ପାଇଲେ। ଯେହେତୁ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ୨୦୨୨ରେ ୧.୭ କୋଟି ଟଙ୍କାରେ କିଣିଥିଲେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ସମାନ ଦରମା ପାଉଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କୁ ଆଇପିଏଲ ୨୦୨୫ ପାଇଁ ୮ କୋଟି ଟଙ୍କା ମିଳିବ।

# ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗ ଶୀର୍ଷରେ ଆଫ୍ରିଦି

ଇସଲାମାବାଦ,୧୪।୧୧: ପାକିସ୍ତାନ କ୍ରିକେଟର ଶାହୀନ ଶାହା ଆଫ୍ରିଦିଙ୍କ ଲାଗି ଭଲ ଦିନ ଫେରିଛି ଏହି ଦ୍ରୁତ ବୋଲର ପୁଣି ଥରେ ଦିନିକିଆ ର୍‍ୟାଙ୍କିଂର ଶୀର୍ଷରେ ପହଞ୍ଚିଛନ୍ତି। ବୁଧବାର ଜାରି କରାଯାଇଥିବା ଆଇସିସି ର୍‍ୟାଙ୍କିଂରେ ଶାହିନ ପୁଣି ଥରେ ନମ୍ବର ୧ ବୋଲର ପାଲଟିଛନ୍ତି। ୩ ଭେଟେରାନ ବୋଲରଙ୍କୁ ପଛରେ ପକାଇ ୪ ନଂ ସ୍ଥାନରୁ ସିଧା ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି କୁଲଦୀପ ଯାଦବ, ରାଶିଦ ଖାନ ଏବଂ କେଶବ ମହାରାଜଙ୍କୁ ପଛରେ ପକାଇ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଦୀର୍ଘଦିନରୁ ଶାହୀନ ଖରାପ ଫର୍ମରେ ଥିଲେ ହେଲେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ ଏହି ବାମହାତୀ ବୋଲର ୩ ମ୍ୟାଚରେ ୮ ଉଇକେଟ ନେଇଥିଲେ ଏହାର ଫଳ ତାଙ୍କୁ ମିଳିଛି। ସେ ପୁଣିଥରେ ଶୀର୍ଷରେ ପହଞ୍ଚିଛନ୍ତି। ଏହା ପୂର୍ବରୁ କେଶବ ନମ୍ବର ୧ ବୋଲର ଥିଲେ। ଏବେ ସେ ତୃତୀୟ ସ୍ଥାନରେ ଅଛନ୍ତି। ଶାହୀନ ଶୀର୍ଷରେ ପହଞ୍ଚିବା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରୁଛନ୍ତି କାରଣ ତାଙ୍କୁ ଟେଷ୍ଟ ଟିମ୍‌ରୁ ବାହାର କରିଦିଆଯାଇଥିଲା ଏବେ ସେ ଟି୨୦ ସିରିଜରେ ଭଲ ପ୍ରଦର୍ଶନ କରିବାକୁ ଆଶାୟୀ ଅଛନ୍ତି।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ